بِسْمِ اللهِ الرَّحْمٰنِ الرَّحِيْمِ   نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ   وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 4 | ସଂଖ୍ୟା 42

ସାପ୍ତାହିକ

# ବଦର

Weekly **BADAR** Qadian | କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

17 ଅକ୍ଟୋବର 2019 | 17 ଇଖା 1398 ହି.ଶ | 17 ସଫର୍ 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَلَا تَهِنُوْا

وَلَا تَحْزَنُوْا

وَاَنْتُمُ الْاَعْلَوْنَ

اِنْ كُنْتُمْ مُّؤْمِنِيْنَ۝

(آل عمران:140)

ଅନୁବାଦ- ଏବଂ ତୁମେମାନେ ଦୁର୍ବଳତା ପ୍ରକାଶ କରନାହିଁ ଓ ଦୁଃଖିତ ହୁଅନାହିଁ; ଏବଂ ଯଦି ତୁମେମାନେ ବିଶ୍ୱାସକାରୀ ହୋଇଥାଅ ତେବେ ତୁମେମାନେ ହିଁ ବିଜୟୀ ହେବ ।

*(ଆଲେ ଇମରାନ୍: ୧୪୦)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲହମ୍ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

**ଯେତେବେଳେ ଅଲ୍ଲାଃ ତାଲା ଆଁ ହଜରତ ସ:ଆ:ସଙ୍କ ଯୁଗକୁ ଅନ୍ଧକାରମୟ ଓ ପ୍ରଥଭ୍ରଷ୍ଟତାରେ ଲିପ୍ତ ରହିଥିବାର ପାଇଲେ ଏବଂ ଚାରିଆଡ଼େ ପ୍ରଥଭ୍ରଷ୍ଟତା ଏବଂ ଅନ୍ଧକାରମୟ ବାଦଲ ପୃଥିବୀ ଉପରେ ଛାଇ ଯାଇଥିଲା । ସେ ସମୟରେ ଉକ୍ତ ଅନ୍ଧକାରକୁ ଦୂର କରିବା ପାଇଁ ଏବଂ ପ୍ରଥଭ୍ରଷ୍ଟତାକୁ ମାର୍ଗଦର୍ଶନ ଏବଂ ସୌଭାଗ୍ୟରେ ପରିବର୍ତନ କରିବା ପାଇଁ ଜଣେ ସିରାଜେ ମୁନୀର୍ (ଅର୍ଥାତ ଜାଜ୍ୱଲ୍ୟମାନ ସୂର୍ଯ୍ୟ) ଫାରାନ୍ (ପାହାଡ଼)ର ଶୀର୍ଷରେ ଚମକିଉଠିଲା ଅର୍ଥାତ ଆଁ ହଜରତ ସ:ଆ:ସ ପ୍ରକଟ ହେଲେ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ପବିତ୍ର କୋରାନ୍‌ର ନାମ ଜିକ୍‌ର ରଖିବାର କାରଣ

ଏବେ ଦେଖନ୍ତୁ ପବିତ୍ର କୋରାନ୍‌ର ନାମ ଜିକ୍‌ର ରଖାଯାଇଛି ଏହା ଏଥିପାଇଁ ଯେ, ତାହା ମନୁଷ୍ୟର ଅନ୍ତଃବିଧାନକୁ ମନେ ପକାଇଦେଉଅଛି ।........ ପବିତ୍ର କୋରାନ୍ କିଛି ନୁଆ ଶିକ୍ଷା ଆଣିନାହିଁ ବରଂ ସେହି ଅନ୍ତଃବିଧାନକୁ ମନେପକାଇ ଦେଇଅଛି ଯାହା ମନୁଷ୍ୟ ମଧ୍ୟରେ ଭିନ୍ନ ଭିନ୍ନ ଶକ୍ତି ରୂପେ ନିହିତ ରହିଛି । ବିନମ୍ରତା, ବଳିଦାନ, ବାହାଦୂରି/ସତ୍‌ସାହାସ, ବଳ, କ୍ରୋଧ ଏବଂ ସନ୍ତୋଷ ଇତ୍ୟାଦି (ଗୁଣବିଶେଷ) । ସୁତରାଂ ଯାହା କିଛି ମନୁଷ୍ୟର ପ୍ରକୃତି ଭିତରେ ରଖାଯାଇଥିଲା କୋରାନ୍ ସେ ସବୁକୁ ମନେ ପକାଇ ଦେଇଛି । ଯେମିତି **ଫି କିତାବିମ୍ ମକ୍‌ନୁନ୍** (ଅଲ୍‌ୱାକେୟା:୭୯) ଅର୍ଥାତ ତାହା ପ୍ରକୃତି ପୃଷ୍ଠରେ ଗୋପନ ଅବସ୍ଥାରେ ଥିବା ଗ୍ରନ୍ଥ ଥିଲା ଯାହାକୁ ପ୍ରତ୍ୟେକ ବ୍ୟକ୍ତି ଦେଖିପାରୁନଥିଲେ ସେହିପରି ଏହି ପୁସ୍ତକର ନାମ ଜିକ୍‌ର୍ ବୋଲି ବର୍ଣ୍ଣନା କରିଛି ଯଦ୍ୱାରା ତାହା ପାଠ କରାଯିବ, ତେବେ ତାହା ଆନ୍ତରିକ ଓ ଆଧ୍ୟାତ୍ମିକ ଶକ୍ତି ସମୂହକୁ ଏବଂ ସେହି ଜ୍ୟୋତିପୂର୍ଣ୍ଣ ହୃଦୟକୁ, ଯାହା ଐଶିଦତ ରୂପେ ମନୁଷ୍ୟ ମଧ୍ୟରେ ନିହିତ ରହିଛି ତାହାକୁ ମନେପକାଇଦେଉ । ସୁତରାଂ ଅଲ୍ଲାଃ ତାଲା ପବିତ୍ର କୋରାନ୍‌କୁ ପ୍ରେରଣ କରି ସ୍ୱୟଂ ଏକ ଆଧ୍ୟାତ୍ମିକ ଚମତ୍କାର ଦେଖାଇଲେ ଯଦ୍ୱାରା ମନୁଷ୍ୟ ଉକ୍ତ ତତ୍ତ୍ୱଜ୍ଞାନ, ସତ୍ୟାସତ୍ୟ ଏବଂ ଆଧ୍ୟାତ୍ମିକ ଐଶି ଚମତ୍କାରିତାକୁ ଜାଣୁ ,ଯାହାକୁ ସେ ଜାଣିନଥିଲା । କିନ୍ତୁ ଦୁଃଖର କଥା ଏହା ଯେ, ପବିତ୍ର କୋରାନ୍‌ର ଏହି ଚରମ ଉଦ୍ଦେଶ୍ୟକୁ ପରିତ୍ୟାଗ କରି, ଯାହା **ହୁଦଲ୍ ଲିଲ୍‌ମୁତ୍‌ତକୀନ୍** (ଅଲ୍‌ବକ୍‌ରାଃ:୩) ଅଟେ । (ଅର୍ଥାତ୍ ଧର୍ମପରାୟଣ ବ୍ୟକ୍ତିମାନଙ୍କ ନିମନ୍ତେ ପଥପଦର୍ଶକ ଅଟେ), ଏହାକୁ କେବଳ କିଛି କାହାଣୀର ସମାହାର ବୋଲି ବୁଝାଯାଉଅଛି ଏବଂ ଅତ୍ୟନ୍ତ ବେପରୁଆ ଓ ସ୍ୱାର୍ଥପର ଭାବେ ଆରବର ମୁଶ୍‌ରିକ୍‌ମାନଙ୍କ ସଦୃଶ ଅସାତିରୁଲ୍ ଅୱ୍ୱଲିନ୍ (ଅର୍ଥାତ ପୁରୁଣା କାହାଣୀ) କହି ଟାଳି ଦିଆଯାଉଛି । ସେ ଯୁଗ ଥିଲା ଆଁ ହଜରତ ସ:ଆ:ସଙ୍କ ପ୍ରକଟ ହେବାର ଓ ପବିତ୍ର କୋରାନ୍ ଅବତୀର୍ଣ୍ଣ ହେବାର ଯେବେ ତାହା ପୃଥିବୀରୁ ହଜିଯାଇଥିବା ଶକ୍ତିକୁ ମନେ ପକାଇଦେବାକୁ ଆସିଥିଲା । ଏବେ ଏପରି ଯୁଗ ଆସିସାରିଛି ଯାହା ବାବଦରେ ରସୁଲୁଲ୍ଲାଃ ସ:ଆ:ସ ଭବିଷ୍ୟବାଣୀ କରିଥିଲେ ଯେ, ଲୋକମାନେ ପବିତ୍ର କୋରାନ୍ ପଢ଼ିବେ କିନ୍ତୁ ତାଙ୍କର ଗଳାରୁ କୋରାନ୍ ଓହ୍ଲାଇବ ନାହିଁ । ସୁତରାଂ ଏବେ ତୁମେ ଏହି ଆଖି ଦ୍ୱାରା ଦେଖୁଅଛ ଯେ, ଲୋକମାନେ ପବିତ୍ର କୋରାନ୍‌କୁ କିପରି ଲଳିତ ସ୍ୱରରେ ଏବଂ ସୁନ୍ଦର ଶୈଳୀରେ ପାଠକରୁଛନ୍ତି କିନ୍ତୁ ତାହା ସେମାନଙ୍କ ଗଳାରୁ ତଳକୁ ଯାଉନାହିଁ (ଅର୍ଥାତ ହୃଦୟକୁ ଛୁଉଁନାହିଁ) । ଏଥିପାଇଁ ପବିତ୍ର କୋରାନ୍‌ର ଦ୍ୱିତୀୟ ନାମ ହେଉଛି ଜିକ୍‌ର୍ ତାହା ପ୍ରାରମ୍ଭିକ ଯୁଗରେ ମନୁଷ୍ୟ ଭିତରେ ଗୋପନ ଅବସ୍ଥାରେ ରହିଥିବା ବାସ୍ତବିକତା ଏବଂ ହଜି ଯାଇଥିବା ସତ୍ୟାସତ୍ୟକୁ ମନେ ପକାଇବା ପାଇଁ ଆସିଥିଲା ।

### ଏ ଯୁଗରେ ମଧ୍ୟ ଆକାଶରୁ ଜଣେ ମୁଅଲ୍ଲିମ୍ (ଆଧ୍ୟାତ୍ମିକ ଗୁରୁ) ଆସିଛନ୍ତି

ଅଲ୍ଲାଃ ତାଲାଙ୍କର ଉକ୍ତ ଦୃଢ଼ ପ୍ରତିଶୃତି ଅନୁସାରେ ଅର୍ଥାତ **ଇନ୍ନା ଲହୁ ଲହାଫିଜୁନ୍** (ଅଲ୍ ହିଜ୍‌ର:୧୦) ଏ ଯୁଗରେ ମଧ୍ୟ ଆକାଶରୁ ଜଣେ ମୁଅଲ୍ଲିମ୍ ଆସିଲେ ଯିଏ **ଆଖରିନା ମିନ୍‌ହୁମ୍ ଲମ୍ମା ୟଲହକୁ ବିହିମ୍** (ଅଲ୍‌ଯୁମା:୪)ର ଅନୁରୂପ ଏବଂ ପ୍ରତିଶୃତ ଅଟନ୍ତି । ସେ ହେଉଛନ୍ତି ସେହି ବ୍ୟକ୍ତି ଯିଏ ତୁମ ଗହଣରେ କହୁଛନ୍ତି । ମୁଁ ପୁଣି ରସୁଲେ କରିମ୍ ସ:ଆ:ସଙ୍କ ଭବିଷ୍ୟବାଣୀ ଆଡ଼କୁ ଫେରିଯାଇ କହୁଅଛି ଯେ, ଆପଣ (ସ:ଆ:ସ) ଏ ଯୁଗ ସମ୍ବନ୍ଧରେ ଖବର ଦେଇଥିଲେ ଯେ, ଲୋକମାନେ ପବିତ୍ର କୋରାନ୍‌କୁ ତ ପାଠ କରିବେ କିନ୍ତୁ ତାହା ସେମାନଙ୍କ ଗଳାର ତଳକୁ ଖସିବ ନାହିଁ । ଏବେ ଆମର ବିରୋଧୀ, ନୁହେଁ ନୁହେଁ ଅଲ୍ଲାଃ ତାଲାଙ୍କ ପ୍ରତିଶୃତିକୁ ସମ୍ମାନ ଦେଉନଥିବା ଲୋକେ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ କଥା ଉପରେ ଧ୍ୟାନ ନ ଦେଉଥିବା ଲୋକେ ଖୁବ୍ ଗଳାକୁ ମୋଡ଼ିମାଡ଼ି **ୟା ଇସା ଇନ୍ନି ମୁତ୍‌ୱଫିକା ୱ ରାଫିଉକା ଇଲୈୟା** (ଆଲେ ଇମ୍‌ରାନ୍:୫୬) ଏବଂ **ଫଲ୍‌ମ୍ମା ତୱ୍ୱଫ୍‌ଫଇତନି** (ଅଲ୍‌ମାଇଦା:୧୧୮) ପବିତ୍ର କୋରାନ୍‌ରୁ ଅଜବ ଶୈଳୀରେ ପଢୁଛନ୍ତି । କିନ୍ତୁ ବୁଝୁନାହାନ୍ତି,ଓ ଦୁଃଖର କଥା ତ ଏହା ଯେ, ଯଦି କିଏ ଉପଦେଷ୍ଟା ସ୍ନେହର ସହିତ ବୁଝାଇବାକୁ ଚାହୁଁଛି ତେବେ ଏମାନେ ବୁଝିବା ପାଇଁ ଚେଷ୍ଟା ମଧ୍ୟ କରୁନାହାନ୍ତି । ନ କରନ୍ତୁ । ଏତିକି ତ କରନ୍ତୁ ଯେ, ତା'ର କଥାକୁ ହିଁ ଟିକେ ଶୁଣି ନିଅନ୍ତୁ । କିନ୍ତୁ କାହିଁକି ଶୁଣିବେ ? ଶୁଣିବା ପାଇଁ କାନ ମଧ୍ୟ ରଖନ୍ତୁ । ଧୈର୍ଯ୍ୟ ଓ ସଦ୍‌ଭାବ ଦ୍ୱାରା ମଧ୍ୟ କାମ ନିଅନ୍ତୁ । ଯଦି ଖୁଦା ତାଲା ତା'ର କରୁଣା ଦ୍ୱାରା ପୃଥିବୀ ପ୍ରତି ଧ୍ୟାନ ନ ଦେଇଥାନ୍ତା ତେବେ ଇସ୍‌ଲାମ ମଧ୍ୟ ଏ ଯୁଗରେ ଅନ୍ୟ ଧର୍ମ ଗୁଡ଼ିକ ସଦୃଶ ମୃତ ଓ ଏକ କିସା କାହାଣୀ ରୂପେ ବିବେଚିତ ହୋଇଥାନ୍ତା । କୌଣସି ମୃତଧର୍ମ ଅନ୍ୟ କାହାକୁ ଜୀବନ ପ୍ରଦାନ କରିପାରେ ନାହିଁ କିନ୍ତୁ ଇସ୍‌ଲାମ ବର୍ତମାନ ଜୀବନ ପ୍ରଦାନ କରିବାକୁ ପ୍ରସ୍ତୁତ ରହିଛି କିନ୍ତୁ ଯେହେତୁ ଏହା ଅଲ୍ଲାଃଙ୍କର ସୁନ୍ନତ (କାର୍ଯ୍ୟ) ଯେ କୌଣସି କାର୍ଯ୍ୟକୁ ଖୁଦାତାଲା ବିନା ସାଧନ/ଉପକରଣରେ କରିନଥାନ୍ତି । ହଁ ଏ କଥା ହେଉଛି ଅଲଗା ଯେ ସେହି ସାଧନ ଆମକୁ ଦୃଶ୍ୟମାନ ହେଉ ବା ନ ହେଉ କିନ୍ତୁ ଏଥିରେ କୌଣସି ଦ୍ୱିମତ ନାହିଁ ଯେ, ସାଧନ ନିଶ୍ଚିତରୂପେ ରହିଛି । ସେହିପରି ଆକାଶରୁ ଜ୍ୟୋତି ଅବତୀର୍ଣ୍ଣ ହୋଇଥାନ୍ତି ଯାହା ପୃଥିବୀ ପୃଷ୍ଠରେ ପହଂଚି ସାଧନର ରୂପକୁ ଅକ୍ତିଆର କରିନେଇଥାନ୍ତି । ଯେତେବେଳେ ଅଲ୍ଲାଃ ତାଲା ଆଁ ହଜରତ ସ:ଆ:ସଙ୍କ ଯୁଗକୁ ଅନ୍ଧକାରମୟ ଓ ପ୍ରଥଭ୍ରଷ୍ଟତାରେ ଲିପ୍ତ ଥିବାର ପାଇଲେ ଏବଂ ଚାରିଆଡ଼େ ପ୍ରଥଭ୍ରଷ୍ଟତା ଏବଂ ଅନ୍ଧକାରମୟ ବାଦଲ ପୃଥିବୀ ଉପରେ ଛାଇ ଯାଇଥିଲା । ସେ ସମୟରେ ଉକ୍ତ ଅନ୍ଧକାରକୁ ଦୂର କରିବା ପାଇଁ ଏବଂ ପ୍ରଥଭ୍ରଷ୍ଟତାକୁ ମାର୍ଗଦର୍ଶନ ଏବଂ ସୌଭାଗ୍ୟରେ ପରିବର୍ତନ କରିବା ପାଇଁ ଜଣେ ସିରାଜେ ମୁନୀର୍ (ଅର୍ଥାତ ଜାଜ୍ୱଲ୍ୟମାନ ସୂର୍ଯ୍ୟ) ଫାରାନ୍ (ପାହାଡ଼)ର ଶୀର୍ଷରେ ଚମକଉଠିଲା ଅର୍ଥାତ ଆଁ ହଜରତ ସ:ଆ:ସ ପ୍ରକଟ ହେଲେ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୭୧ ରୁ ୮୩ ମୁଦ୍ରଣ ୨୦୧୮ କାଦିୟାନ)*

ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୦୭ର ଅବଶିଷ୍ଟାଂଶ ......*

ଆମ ମାଆ ୫୦ ମାଇଲ ଯାତ୍ରା କରି ସେହି ମହିଳାମାନଙ୍କ ସହିତ ଡ଼ାକ୍ତରଖାନା ଯାଉଥିଲେ ଯେଉଁମାନଙ୍କ ଚିକିତ୍ସା କରିବାପାଇଁ କେହି ନଥିଲେ ତତ୍ସହିତ ସେ ସେମାନଙ୍କର ଆର୍ଥିକ ସାହାଯ୍ୟ ମଧ୍ୟ କରୁଥିଲେ । ସେ ପୁଣି କହୁଛନ୍ତି ଯେ ତାଙ୍କ ଦେହାନ୍ତରେ ବିଭିନ୍ନ ଜାତି ସହିତ ସମ୍ବନ୍ଧ ରଖିଥିବା ବହୁତ ଲୋକଙ୍କର ଚିଠି ମିଳିଛି ଓ ବିଶେଷ ରୂପେ ପାକିସ୍ତାନୀ ଅହେମଦୀ ଭଉଣୀମାନେ କାନ୍ଦି କାନ୍ଦି ଏକଥାକୁ ପ୍ରକାଶ କରିଛନ୍ତି ଯେ, ଆମ ମର୍‌ହୁମ୍ ମାଆ ସେମାନଙ୍କ ସହିତ ଏକ ବିଶେଷ ପ୍ରେମ ବନ୍ଧନରେ ବାନ୍ଧି ହୋଇ ରହିଥିଲେ । ସେ ପୁଣି କହୁଛନ୍ତି ଯେବେ ଠାରୁ ମୁଁ ଜନ୍ମ ହେଲି ସେବେଠାରୁ ମୁଁ ମାଆଙ୍କ ସହିତ ରହିଛି । ଓ ମାଆଙ୍କର ଉଚ୍ଚତମ ଚରିତ୍ର ଓ ପୂର୍ଣ୍ଣ ଜୀବନକୁ ଦେଖିବାପାଇଁ ମୌକା ମିଳିଛି । ସେ କେବେ ହେଲେ ବି କାହା ସମ୍ବନ୍ଧରେ କୌଣସି ପ୍ରକାରର ନକାରାତ୍ମକ କଥାକୁ ମନ ଭିତରେ ରଖୁନଥିଲେ । ବଡ଼ରୁ ବଡ଼ ଭୁଲକୁ କ୍ଷମା ଦେବାପାଇଁ ପ୍ରସ୍ତୁତ ରହୁଥିଲେ । ଆମକୁ ପିଲାଦିନୁ ହିଁ ଏ କଥାର ଶିକ୍ଷା ଦେଉଥିଲେ ଯେ, ସତ୍ୟ କୁହ ତାହା ନିଜ ବିରୋଧରେ କାହିଁକି ନ ହେଉ ପଛେ । ତତ୍ସହିତ ଏ କଥା ମଧ୍ୟ କହୁଥିଲେ ଯେ, ଯଦି ତୁମର ଆଖି ବା ତୁମର ହାତ କୌଣସି ଭୁଲ୍ କରିଛି ତେବେ ତୁମମାନଙ୍କ ମଧ୍ୟରେ ଏତେ ମାତ୍ରାରେ ସାହାସ ରହିବା ଉଚିତ ଯେ, ତୁମେ ନିଜର ଆଖିକୁ ବା ହାତକୁ ଭୁଲ କରିଥିବାର କହିପାରିବ । ପ୍ରତ୍ୟେକଙ୍କ ସହିତ ହସହସ ଚେହେରାରେ ମିଶୁଥିଲେ । ତାଙ୍କର ଭାଷା ସର୍ବଦା ଦୁଆରେ ପରିପୂର୍ଣ୍ଣ ରହୁଥିଲ । ତାଙ୍କୁ ଅଲ୍ଲାଃ ତାଲାଙ୍କ ସହିତ ଓ ନବୀ କରିମ୍ ସ:ଆ:ସଙ୍କ ସହିତ ପ୍ରେମ ଥିଲା ଓ ସେ କହୁଛନ୍ତି ଯେ, ବୋଧ ହୁଏ ଏହି କାରଣ ଥିଲା ଯେ, ଅଲ୍ଲାଃ ତାଲା ତାଙ୍କୁ ନିଜ ଯୁଗ ମେହେଦୀଙ୍କ ବୟତ କରିବାପାଇଁ ଶକ୍ତି ପ୍ରଦାନ କଲେ ।

ଝିଅ ପୁଣି ଲେଖୁଛନ୍ତି ଯେ, ୨୦୦୭ ମସିହାରେ ମୋତେ ଅଚାନକ ଏମ୍.ଟି.ଏ ମିଳିଗଲା ପୁଣି ଅଚାନକ ତାହା ଅଦୃଶ୍ୟ ହୋଇଗଲା । ବହୁତ ଖୋଜାଖୋଜି କରିବା ପରେ ତାହା ଅନେକ ବର୍ଷ ପର୍ଯ୍ୟନ୍ତ ମିଳିଲା ନାହିଁ । ତିନି ବର୍ଷ ପରେ ଅଚାନକ ୨୦୧୦ ମସିହାରେ ପୁଣି ଏମ.ଟି.ଏ ଅଲ୍ ଆରବୀୟା ପୂର୍ନବାର ମିଳିଗଲା । ତେଣୁ ମୁଁ ଘରେ କୋଳାହଳ ମଚାଇଲି, ମାଆଙ୍କୁ ଡ଼କାଇ ଦେଖାଇଲି ଯେ ଚ୍ୟାନେଲ ମିଳିଯାଇଛି ଓ ପୁଣି ଏ କଥା କହିଲେ ଯେ, ଏହି ଚ୍ୟାନେଲଟିକୁ ମୁଁ ବିଗତ ତିନି ବର୍ଷ ହେବ ଖୋଜୁଥିଲି । ଆମ ମାଆଙ୍କୁ ମୁଁ କହିଲି ଯେ, ଆସନ୍ତୁ ଓ ଶୁଣନ୍ତୁ କାରଣ ଏହି ଲୋକମାନେ କହୁଛନ୍ତି କି ଇମାମ୍ ମେହେଦୀ ଓ ମସିହ ମଉଦ ପ୍ରକଟ ହୋଇସାରିଛନ୍ତି ବୋଲି ଯାହାକୁ ଆମେ ପ୍ରତୀକ୍ଷା କରିରହିଥିଲୁ । ଓ ଆମ ବାପା ମଧ୍ୟ ଏ କଥା ବତାଉଥିଲେ । ସେ ପୁଣି କହୁଛନ୍ତି ଯେ, ମୋ ମାଆ ମଧ୍ୟ ମୋ ସହିତ ଏମ.ଟି.ଏ ଦେଖିବା ଆରମ୍ଭ କରିଦେଲେ । କିଛିଦିନ ପରେ ମୋ ମାଆ ମୋ ଭାଇଭଉଣୀମାନଙ୍କୁ ଏହି ଘଟଣା ସମ୍ବନ୍ଧରେ ବତାଇଲେ କିନ୍ତୁ ସେମାନଙ୍କ ତରଫରୁ ଏମିତି କଥା କୁହାଗଲା ଯେ, ତାକୁ ଶୁଣି ମାଆଙ୍କ ଚେହେରାର ରଙ୍ଗ ଅଚାନକ ବଦଳିଗଲା କିନ୍ତୁ ସେମାନଙ୍କର କଥାକୁ ପରବାୟ ନ କରି ସେ ଅନବରତ ଏମ.ଟି.ଏ ଦେଖୁଥିଲେ । ପୁଣି ଯେତେବେଳେ ସେ କୁର୍ଦୁସ୍ତାନ ଚାଲିଗଲେ, ପୁଣି ସେ କହୁଛନ୍ତି ମୋ ଭାଇମାନଙ୍କର କଥା ତାଙ୍କ ମନ ଉପରେ ପ୍ରଭାବ ପକାଇଲା ତେଣୁ ସେ ମୋ ବିରୋଧୀ ହୋଇଗଲେ । ପୁଣି ଦ୍ୱିତୀୟଥର ପାଇଁ ସେ ମୋ ନିକଟକୁ ଆସି କହିଲେ ମତେ ମଧ୍ୟ ଏମ.ଟି.ଏ ଦେଖିବା ପାଇଁ ରୋକିବାକୁ ଲାଗିଲେ । ସେ ଯାହା ହେଉ ସେ କହୁଛନ୍ତି ଯେତେବେଳେ ମୁଁ ବୟତ କରିନେଲି ସେତେବେଳେ ପରିସ୍ଥିତି ଆହୁରି ଖରାପ ହୋଇଗଲା ଓ ମୋ ମାଆଙ୍କୁ ସେହି ଲୋକମାନେ କହିଲେ ଯେ, ତୁମ ଝିଅ କାଫିର ହୋଇଯାଇଛି । ତେଣୁ ସେ ଯେତେବେଳେ ମୋ ଭାଇମାନଙ୍କ ନିକଟକୁ ଯାଆନ୍ତି ମୋ ବିରୋଧୀ ହୋଇଯାଆନ୍ତି ପୁଣି ସେଠାରୁ ଫେରିବା ପରେ ଏମ.ଟି.ଏ ଦେଖିବାରେ ଲାଗିପଡ଼ନ୍ତି । ହଜରତ ମସିହ ମଉଦ ଆ:ସଙ୍କ କସାଇଦ୍ (ଅର୍ଥାତ ଆଁ ହଜରତ ସ:ଆ:ସଙ୍କ ଗୁଣଗାରିମା ବର୍ଣ୍ଣନା ହୋଇଥିବା କବିତା) ତାଙ୍କୁ ବହୁତ ପସନ୍ଦ ଥିଲା ଓ ଅଧିକାଂଶ ସମୟ ତାହା ଶୁଣି ସେ କାନ୍ଦି ପକାଉଥିଲେ । ଦିନେ ସେ ହଜରତ ମସିହ ମଉଦ ଆ:ସଙ୍କ ଏହି କସିଦା ଅର୍ଥାତ ***ୟା ଅଇନା ଫଇଜିଲ୍ଲାହି ଓ୍ୱଲ୍ ଇରଫାନି*** ଗୁଣୁଗୁଣାଉଥିଲେ ସେତେବେଳେ ମୁଁ ତାଙ୍କୁ କହିଲି ଯେ କ'ଣ ଏପରି ପଦ ଲେଖୁଥିବା ବ୍ୟକ୍ତିଙ୍କୁ କାଫିର୍ କୁହାଯାଇପାରେ ? ସେ ବହୁତ କ୍ରୋଧରେ ମୋ ଆଡ଼କୁ ଦେଖିଲେ ଓ କହିଲେ କେଉଁ ଅତ୍ୟାଚାରୀ ଏପରି ବ୍ୟକ୍ତିଙ୍କୁ କାଫିର୍ କହିବ ସେତେବେଳେ ମୁଁ ତାଙ୍କୁ କହିଲି ଯେ ଆପଣଙ୍କ ସନ୍ତାନମାନେ ମଧ୍ୟ ଏଥିରେ ସାମିଲ ଅଛନ୍ତି । ଏ କଥା ଶୁଣି ସେ ଚୁପ୍ ହୋଇଗଲେ ପୁଣି ମୁଁ ନିଜ ମାଆଙ୍କୁ କହିଲି ଯେ, ଆପଣ ନିଜର ଇମାନ୍‌ର ଶକ୍ତି ଯୋଗୁଁ ପ୍ରସିଦ୍ଧ ଅଟନ୍ତି । ତେବେ ପୁଣି ଆପଣ କାହାକୁ ଡ଼ରୁଛନ୍ତି ଈଶ୍ୱରଙ୍କୁ ବା ନିଜର ସନ୍ତାନମାନଙ୍କୁ ? ସେ ମୋର ଏହି ପ୍ରଶ୍ନ ଦ୍ୱାରା ବହୁତ ପ୍ରଭାବିତ ହେଲେ କିନ୍ତୁ ଉତର ଦେଲେ ନାହିଁ । ସେହି ରାତିରେ ମୋତେ ଡ଼କାଇ ପଠାଇଲେ ଓ କହିଲେ ଯେ, ଯମାତ୍‌ର ମର୍‌କଜ୍‌କୁ ଫୋନ କରି କହିଦିଅ ଯେ ମୁଁ ବୟତ କରିବି ଏଥିରେ ପୁଣି ମୁଁ ତାଙ୍କୁ କହିଲି ଯେ, ଏବେ ଆଉଥରେ ଆପଣ ଚିନ୍ତା କରନ୍ତୁ ଓ ଭାବନ୍ତୁ ଯଦ୍ୱାରା ଆପଣ ଦୃଢ଼ପଦ ରହିପାରିବେ । ସେ ଯାହା ହେଉ ସେ କହୁଛନ୍ତି କି, ବୋଧ ହୁଏ ରାତି ତମାମ ତାଙ୍କ ମାଆ ଚିନ୍ତା କଲେ, ଦୁଆ କଲେ ଓ ସକାଳୁ ଉଠିବା କ୍ଷଣି କହିଲେ ଯେ, ମୁଁ ଏ ନିଷ୍ପତି କରିସାରିଛି କି, ମତେ ବୟତ କରିବାକୁ ହେବ । ଯେତେବେଳେ ମୁଁ ୨୦୧୬ରେ ସେଠାକୁ ଯାଇଥିଲି ତାଙ୍କ ସହିତ ସାକ୍ଷାତ କରିବାର ମତେ ମୌକା ମିଳିଲା । ସେ ଅତ୍ୟନ୍ତ ଆନନ୍ଦିତ ଥିଲେ ଯେ ତାଙ୍କର ସାକ୍ଷାତକାର ଯୁଗ ଖଲିଫାଙ୍କ ସହିତ ହୋଇଛି ଏବଂ ସେ ପ୍ରତ୍ୟେକଙ୍କୁ ଏ କଥା ବତାଉଥିଲେ । ଖିଲାଫତ ସହିତ ବହୁତ ନିଷ୍ଠା ଓ ଭକ୍ତିର ସମ୍ପର୍କ ଥିଲା ।

ଅଲ୍ଲାଃ ତାଲା ଏମାନଙ୍କ ସହିତ ଦୟା ଆଚରଣ କରନ୍ତୁ ଏବଂ ଏମାନଙ୍କର ଦୋଷଦୁର୍ବଳତାକୁ ଘୋଡ଼ାଇ ଦିଅନ୍ତୁ ଏବଂ ତାଙ୍କର ପଦମର୍ଯ୍ୟଦାକୁ ଉଚ୍ଚା କରନ୍ତୁ । ହଜୁର ଅନଓ୍ୱର କହୁଛନ୍ତି ତାଙ୍କ ଝିଅଙ୍କର ମଧ୍ୟ ଇମାନ୍‌କୁ ମଜ୍‌ଭୁତ୍ କରନ୍ତୁ ଓ ସେମାନଙ୍କର ପିଲାମାନଙ୍କୁ ମଧ୍ୟ ଅର୍ଥାତ ଯେଉଁମାନେ ଏପର୍ଯ୍ୟନ୍ତ ଅହେମଦୀ ହୋଇନାହାନ୍ତି ଅଲ୍ଲାଃ ତାଲା ସେମାନଙ୍କର ମନକୁ ଖୋଲିଦିଅନ୍ତୁ ଓ ସେମାନଙ୍କର ଦୁଆ ସେମାନଙ୍କ ସପକ୍ଷରେ ଗ୍ରହଣୀୟ ହେଉ ।

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ର ଅବଶିଷ୍ଟାଂଶ ......*

ପ୍ରଦାନ କରିବେ । ଆପଣ ହେଉଛି ଆପଣଙ୍କ ଜମାତ୍‌ର ପ୍ରତିନିଧି । ତେଣୁ ଆପଣଙ୍କୁ ଆବଶ୍ୟକ ଅଛି ଯେ ଆପଣ ଏହି ସମସ୍ତ ତଥ୍ୟକୁ ଯୋଗାଇବେ ।

ଲା ଇଷ୍ଟ୍‌ରେ ରୋଜଗାର କରୁଥିବା ଅହେମଦୀ ମାନଙ୍କ ସଂଖ୍ୟା ବିଷୟରେ ନ୍ୟାସ୍‌ନାଲ୍ ସେକ୍ରେଟାରୀ ମାଲ୍ କହିଲେ ଯେ ସେଠାରେ ଚାନ୍ଦା ଦେଉଥିବା ଲୋକମାନଙ୍କର ସଂଖ୍ୟା ହେଉଛି ୧୫୫ । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ମାଲ୍ କହିଲେ ଯେ ଆମେ ଚାନ୍ଦା ପ୍ରଦାନ କରିବା ହିସାବକୁ ଆଖି ଆଗରେ ରଖି ଲୋକମାନଙ୍କ ଆମଦାନୀକୁ ଆକଳନ କରିଛୁ । ଏଥିରୁ ଜଣାପଡ଼ିଲା ଯେ ଏହି ଆମଦାନୀ ଗରିବ ସୀମାରେଖାର ତଳେ ରହିଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହିଭଳି ଲୋକମାନଙ୍କ ପାଇଁ ଆପଣମାନଙ୍କୁ ଚ୍ୟାରିଟିର ଆବଶ୍ୟକ ହେଉଥିବ । ଯଦି ଆପଣମାନଙ୍କୁ ମର୍କଜର ସାହାଯ୍ୟ ପାଇଁ ଆବଶ୍ୟକ ଅଛି ତେବେ ବତାନ୍ତୁ । ହଜୁର ଅନୁଓ୍ୱର୍ ଅ:ବ:ଅ ପଚାରିଲେ ଯେ ଲୋକମାନଙ୍କର ଅସଲ ଆମଦାନୀ ଉପରେ ଚାନ୍ଦା ଦେବା ସମ୍ବନ୍ଧରେ ଆପଣ କି ପ୍ରକାର ପଦକ୍ଷେପ ଉଠାଇଛନ୍ତି ? ଏଥିରେ ସେକ୍ରେଟାରୀ ମାଲ୍ କହିଲେ ଯେ ଆମେ ପ୍ରତ୍ୟେକ ଜମାତ୍‌କୁ ତାଲିକା ବିବରଣୀ ଉପଲବ୍ଧ କରାଇଛୁ ଯେ ଆପଣମାନଙ୍କର ବାଧ୍ୟତାମୂଳକ ଚାନ୍ଦା ଗୁଡିକର ଅବସ୍ଥା ଏପରି ଅଛି । ପ୍ରଥମ ପଦକ୍ଷେପ ହେଉଛି ଏହା କି ସେହି ଜମାତ୍ ଗୁଡିକରେ ସଚେତନତା ସୃଷ୍ଟି କରାଯାଉ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେକ୍ରେଟାରୀ ତର୍‌ବିୟତ୍‌କୁ ପଚାରିଲେ ଯେ ଲାଇଷ୍ଟ୍ ଯେଉଁଠାରେ ଆପଣମାନଙ୍କ ମସ୍‌ଜିଦ୍ ରହିଛି ସେଠାରେ ମଗ୍‌ରିବ୍ ଏବଂ ଇସା ନମାଜ ପାଠ କରିବା ନିମନ୍ତେ କେତେ ସଂଖ୍ୟକ ଲୋକ ଆସୁଛନ୍ତି ? ସେକ୍ରେଟାରୀ ତର୍‌ବିୟତ୍ କହିଲେ ଯେ ମୋ ନିକଟରେ ବର୍ତମାନ ତାଲିକା ବିବରଣୀ ମହ୍‌ଜୁଦ୍ ନାହିଁ । ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ ଯେ ଆପଣମାନେ ବିନା ତରବାରିରେ ଯୁଦ୍ଧ କ୍ଷେତ୍ରରେ ପଂହଚି ଯାଇଛନ୍ତି ।

ଏହାପରେ ନାଏବ୍ ଅମୀର୍ ସାହେବ୍ ଡାକ୍ତର ନସିମ୍ ରହେମତୁଲ୍ଲାଃ ସାହେବ୍ କହିଲେ ଯେ ମୁଁ ନାଏବ୍ ଅମୀର୍ ବ୍ୟତୀତ ନ୍ୟାସ୍‌ନାଲ୍ ସେକ୍ରେଟାରୀ ଅଫ୍ ସମଇ ଓ୍ୱ ବସରି ମଧ୍ୟ ଅଛି ଓ ମୋତେ ମିଡିଆ ଟିମ୍‌ର କାର୍ଯ୍ୟ ମଧ୍ୟ ଦିଆଯାଇଛି । (ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ନ୍ୟାସ୍‌ନାଲ୍ ସେକ୍ରେଟାରୀ ଉମୁର ଖାର୍‌ଜାଙ୍କ କାଇଦାକୁ ବାହାର କରି ରଖନ୍ତୁ ।

⌘⌘⌘⌘⌘⌘⌘⌘⌘⌘⌘

## ଜଲ୍‌ସା ସାଲାନା କାଦିୟାନ ସମ୍ବନ୍ଧରେ ଜରୁରୀ ଘୋଷଣା

ଡ଼ିସେମ୍ବର ୨୦୧୯ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା କାଦିୟାନ୍ ସମ୍ବନ୍ଧରେ ଅଖ୍‌ବାର୍ ବଦର୍ କାଦିୟାନ୍‌ରେ ଏଲାନ୍ (ଘୋଷଣା) ହେଉଥିଲା ଯେ, ଏହି ଜଲ୍‌ସା ହେଉଛି ୧୨୫ ତମ ଜଲ୍‌ସା ସାଲାନା । ଏହି ଐତିହାସିକ ଜଲ୍‌ସା ନିମନ୍ତେ ହଜୁର ଅନଓ୍ୱର ଅ:ବ:ଅ କେତେକ ବିଶେଷ ପ୍ରୋଗ୍ରାମଗୁଡ଼ିକର ମଞ୍ଜୁରି ପ୍ରଦାନ କରିଛନ୍ତି, ଯାହାର ଏତେଲା ସର୍କୁଲାର ଜରିଆରେ ଯମାତ୍‌ମାନଙ୍କୁ ଦିଆଯାଇଅଛି ।

ଏହି ଅବଧିରେ ''ତାରିଖେ ଅହେମଦୀୟତ କାଦିୟାନ୍ ବିଭାଗ''ର ଗବେଷଣା ଓ ଅନୁଧ୍ୟାନର ଆଲୋକରେ ସୟଦନା ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଗୋଚରେ ଏ ଏତେଲା ଦିଆଗଲା ଯେ:

*__୨୦୧୯__ରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା __୧୨୫__ ତମ ଜଲ୍‌ସା ସାଲାନା ନୁହେଁ ବରଂ ଏହା ହେଉଛି __୧୨୬__ ତମ ଜଲ୍‌ସା ସାଲାନା ।*

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଏହାର ମଞ୍ଜୁରି ପ୍ରଦାନ କଲେ ଓ ପ୍ରୋଗ୍ରାମଗୁଡ଼ିକୁ ମଧ୍ୟ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଲେ । ବଦରର ପାଠକେ ଅବଗତ ରୁହନ୍ତୁ ।

**(କାଏନ୍ ମକାମ୍ ନାଜ୍‌ର ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍‌କଜିୟା)**

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# : ଖୁତ୍‌ବା ଜୁମା :

**ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ଯେଉଁମାନେ ବର୍ତମାନ ଏଠାରେ ଉପସ୍ଥିତ ଅଛନ୍ତି, ଓ ଯେଉଁମାନେ ଅନ୍‌ସାରୁଲ୍ଲାଃର ବୟସରେ ପହଂଚିସାରିଛନ୍ତି ସେମାନେ ଅନ୍‌ସାର ମଧ୍ୟ ଅଟନ୍ତି ଏବଂ ମୁହାଜୀର୍ ମଧ୍ୟ ଅଟନ୍ତି ଏ ଦୃଷ୍ଟିକୋଣରୁ ନିଜ ନିଜର ଅନୁଧ୍ୟାନ କରନ୍ତୁ ।**

**''ନୁମାନ୍‌ଙ୍କ ସମ୍ବନ୍ଧରେ ଭଲ ଛଡ଼ା ଆଉ କିଛି କୁହନାହିଁ, କାରଣ ସେ ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କ ସହିତ ପ୍ରେମଭାବ ରଖିଛନ୍ତି''**

**ଆଶ୍ଚର୍ଯ୍ୟଜନକ ପ୍ରେମ, ସ୍ନେହ ଏବଂ ମଜାଳିଆ ମଜ୍‌ଲିସ୍ ଲାଗୁଥିଲା ଏହା କେବଳ ଶୁଖିଲା ସଭା ନଥିଲା ।**

**ହଜରତ ନୁଓ୍ୱେଇମାନ୍ ର:ଅଙ୍କ...... ସ୍ୱଭାବ ମଧ୍ୟ ମଜାଳିଆ ଥିଲା**
**ସୁତରାଂ ନବୀ କରିମ୍ ସ:ଆ:ସ ତାଙ୍କ କଥାକୁ ଶୁଣି ଆନନ୍ଦିତ ହେଉଥିଲେ**

**''ଆମ ସହିତ କେବଳ ସେହି ଲୋକ ଯୁଦ୍ଧ କରିବା ପାଇଁ ଯିବ ଯିଏ ଆମ ଦୀନ୍‌ରେ ଥିବ''**

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ନବୀ କରିମ୍ ସ:ଆ:ସଙ୍କ ବଦ୍ରୀ ସାହାବାଗଣ**

**ହଜରତ ନୁଓ୍ୱେଇମାନ୍ ବିନ୍ ଅମ୍‌ରୋ ଏବଂ ହଜରତ ଖୁବୈବ୍ ବିନ୍ ଇସାଫ୍ ରଜିଅଲାହୁ ଅନ୍‌ହୁମାଙ୍କ**
**ପବିତ୍ର ଜିବନୀରୁ ଏକ ହୃଦୟସ୍ପର୍ଶୀ ଚର୍ଚ୍ଚା**

**ମୋହତରମା ରଶିଦା ବେଗମ୍ ସାହିବା (ରବ୍‌ୱା), ମୁକରମ୍ ମୁହମ୍ମଦ୍ ଶମଶିର୍ ଖାନ୍ ସାହେବ୍ (ନାନ୍ଦି,ଫିଜି) ଏବଂ ମୁକର୍‌ମା ଫାତିମା ମୁହମ୍ମଦ ମୁସ୍ତଫା ସାହିବା (କୁର୍ଦୁସ୍ତାନ ନିବାସୀ ଓ ବର୍ତମାନ ସେ ନରୱେରେ ରହୁଥିଲେ)ଙ୍କ ଦେହାନ୍ତରେ ତାଙ୍କର ଗୁଣଗାରିମାର ଚର୍ଚ୍ଚା ଓ ନମାଜ୍ ଯୁମା ଏବଂ ଅସର୍ ପରେ ନମାଜ୍ ଯନାଜାଃ ଗାଏବ୍ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧୩ ସେପ୍ଟେମ୍ବର ୨୦୧୯ ଅନୁଯାୟୀ ୧୩ ତବୁକ୍ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ବଦ୍‌ରି ସାହାବାମାନଙ୍କ ସମ୍ବନ୍ଧରେ ମୁଁ ଯେଉଁ ଧାରା ବିବରଣୀ ଆରମ୍ଭ କରିଥିଲି, ତାହା ଆଜି ମଧ୍ୟ ବର୍ଣ୍ଣନା କରିବି । କିନ୍ତୁ ତା ପୂର୍ବରୁ ଅନ୍‌ସାରୁଲ୍ଲାଃଙ୍କ ପାଇଁ ଇଜ୍‌ତିମା ସମ୍ବନ୍ଧରେ ଏକଥା ବତାଇ ଦେଉଛି ଯେ, ସେହି ସାହାବାମାନେ ଯାହାଙ୍କ ମଧ୍ୟରେ ଅନ୍‌ସାର ଥିଲେ ଓ ମୁହାଜରିମାନେ ମଧ୍ୟ ଥିଲେ, ସେମାନେ ଯେତେବେଳେ ଇସ୍‌ଲାମ୍ ଗ୍ରହଣ କଲେ, ନିଜ ଭିତରେ ଏକ ପବିତ୍ର ପରିବର୍ତନ କଲେ । ନା କେବଳ ବଳୀଦାନ କରିଲେ ବରଂ ଧର୍ମପରାୟଣତାର ଉଚ୍ଚତମ ସ୍ତର ଓ ସତ୍ୟନିଷ୍ଠା ଏବଂ ଭକ୍ତିଭାବରେ ଆଶ୍ଚର୍ଯ୍ୟ ଚକିତ ଦୃଷ୍ଟାନ୍ତ ଦେଖାଇଲେ । ଆପଣମାନେ, ଯେଉଁମାନେ ଏଠାରେ ଉପସ୍ଥିତ ଅଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍‌ସାର ମଧ୍ୟ ଅଛନ୍ତି ଓ ମୁହାଜିର୍ ମଧ୍ୟ ଅଛନ୍ତି । ତେଣୁ ସେମାନେ ଏ ଦୃଷ୍ଟିକୋଣରୁ ନିଜ ନିଜର ଅନୁଧ୍ୟାନ କରିନିଅନ୍ତୁ ଯେ, ଆମ ସମ୍ମୁଖରେ ଯେଉଁ ଉଦାହରଣ ଉପସ୍ଥାପନ କରାଯାଇଥିଲା, ତା ଉପରେ ଆମେ କେତେ ମାତ୍ରାରେ ପରିଚାଳିତ ହେଉଅଛୁ ।

ଏହି ଉପସଂହାର ପରେ ମୁଁ ବିଷୟବସ୍ତୁ ଆରମ୍ଭ କରୁଅଛି । ସର୍ବପ୍ରଥମ ବର୍ଣ୍ଣନା ହଜରତ ନୁଓ୍ୱେମାନ୍ ବିନ୍ ଅମ୍‌ରୋ ର:ଅଙ୍କ ବିଷୟରେ କରାଯିବ । ହଜରତ ନୁଓ୍ୱେମାନ୍ ବିନ୍ ଅମ୍‌ରୋ ର:ଅଙ୍କ ଅନ୍ୟ ନାମ ନୁମାନ୍ ମଧ୍ୟ ବର୍ଣ୍ଣିତ ଅଛି । ତାଙ୍କ ବାପାଙ୍କ ନାମ ଅମ୍‌ରୋ ବିନ୍ ରିଫାଆ ଓ ମାଆଙ୍କ ନାମ ଫାତିମା ବିନ୍‌ତେ ଅମ୍‌ରୋ ଥିଲା । ହଜରତ ନୁଓ୍ୱେମାନ୍ ବିନ୍ ଅମ୍‌ରୋ ର:ଅଙ୍କ ସନ୍ତାନଙ୍କ ନାମ ଏପରି ଥିଲା । ମୁହମ୍ମଦ ଆମରୀର୍, ସବ୍‌ରାଃ ଲୁବାବାଃ, କଦ୍‌ଶାଃ, ମରିୟମ ଏବଂ ଉମ୍ମେ ହବିବ୍, ଅମତୁଲ୍ଲାଃ ଏବଂ ହକିମା । ଇବ୍‌ନେ ଇସ୍‌ହାକଙ୍କ ନିକଟରେ ହଜରତ ନୁଓ୍ୱେମାନ୍ ବିନ୍ ଅମ୍‌ରୋ ର:ଅ ବୟତେ ଉକ୍‌ବା ସାନିୟା ସମୟରେ ସତୁରୀଜଣ ଅନ୍‌ସାରଙ୍କ ସହିତ ସାମିଲ ହୋଇଥିଲେ । ହଜରତ ନୁଓ୍ୱେମାନ୍ ବିନ୍ ଅମ୍‌ରୋ ର:ଅ ବଦର ଯୁଦ୍ଧ, ଉହଦ୍ ଯୁଦ୍ଧ ଏବଂ ଖନ୍ଦକ ଯୁଦ୍ଧ ସମେତ ବାକି ସମସ୍ତ ଗଜ୍‌ୱାତ୍‌ରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଯୋଗ ଦେଇଥିଲେ । ଗୋଟିଏ ରିଓ୍ୱାୟତ୍‌ରେ ଆସୁଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ ନୁଓ୍ୱେମାନ୍‌ଙ୍କ ସମ୍ବନ୍ଧରେ ଭଲ ବ୍ୟତିତ ଆଉ କିଛି କୁହ ନାହିଁ କାରଣ ସେ ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କ ସହିତ ପ୍ରେମ କରୁଛନ୍ତି । ହଜରତ ନୁଓ୍ୱେମାନ୍ ବିନ୍ ଅମ୍‌ରୋ ର:ଅଙ୍କ ଦେହାନ୍ତ ହଜରତ ଅମୀର୍ ମାଓ୍ୱିୟାଙ୍କ ରାଜତ୍ୱ ସମୟରେ ୬୦ ହିଜ୍‌ରୀରେ ହୋଇଥିଲା ।

*(ତବକାତ୍.......ଖଣ୍ଡ-୩,ପୃ-୨୫୭........୧୯୯୬) (ଅଲ୍‌କାମିଲ୍ ଫିତ୍ ତାରିଖ ଖଣ୍ଡ-୩, ପୃ-୪୦୫......ବେରୁତ ଲେବ୍‌ନାନ୍ ୨୦୦୬)*

ହଜରତ ଉମ୍ମେ ସଲ୍‌ମା ବର୍ଣ୍ଣନା କରୁଛନ୍ତି ଯେ ହଜରତ ଅବୁବକର ର:ଅ ନବି କରିମ୍ ସ:ଆ:ସଙ୍କ ଦେହାନ୍ତର ଏକ ବର୍ଷ ପୂର୍ବେ ବସ୍‌ରା ସହରରେ ନିଜ ଚାଚାଙ୍କ ସହିତ ରହିଥିଲେ । ସେହି ସହରଟି ସିରିଆ ଦେଶର ଏକ ପୁରାତନ ପ୍ରଶିଦ୍ଧ ସହର ଥିଲା । ଆପଣ ସ:ଆ:ସ ଏକ ବାଣିଜ୍ୟ ଯାତ୍ରା ସମୟରେ ସେଠାରେ ରହିଥିଲେ । ସେହିପରି ଯେତେବେଳେ ହଜରତ ଖଦିଜାଃ ର:ଅଙ୍କ ସାମାନ୍ ଆପଣ ସ:ଆ:ସ ସିରିଆ ଦେଶକୁ ନେଇଯାଇଥିଲେ, ସେତେବେଳେ ମଧ୍ୟ ସେହି ସ୍ଥାନରେ ରହିଥିଲେ ଏବଂ ଏହି ଯାତ୍ରା ସମୟରେ ହଜରତ ଖଦିଜାଙ୍କ ଗୁଲାମ୍ (ଦାସ) ମଇସରାଃ ମଧ୍ୟ ଆପଣଙ୍କ ସହିତ ଥିଲା । ସେ ଯାହା ହେଉ ଯେତେବେଳେ ହଜରତ ଅବୁବକର ର:ଅ ଆପଣ ସ:ଆ:ସଙ୍କ ମୃତ୍ୟୁର ଏକ ବର୍ଷ ପୂର୍ବେ ବାଣିଜ୍ୟ କରିବା ପାଇଁ ସେହି ଇଲାକାକୁ ଗଲେ, ସେତେବେଳେ ତାଙ୍କ ସହିତ ନୁଓ୍ୱେମାନ୍ ଏବଂ ସୁଓ୍ୱେବିତ୍ ବିନ୍ ହର୍‌ମଲା ମଧ୍ୟ ଯାତ୍ରା କରିଥିଲେ । ଏହି ଦୁଇଜଣଯାକ ବଦର୍ ଯୁଦ୍ଧରେ ବି ସାମିଲ୍ ହୋଇଥିଲେ । ହଜରତ ଅବୁବକର ର:ଅଙ୍କ ସହିତ ଏହି ଯାତ୍ରାରେ ନୁଓ୍ୱେମାନ୍ ଜାଦେରାହ୍ (ଅର୍ଥାତ ଯାତ୍ରା ସମୟରେ ବ୍ୟବହୃତ ହେଉଥିବା ସମ୍ବଳ) ଉପରେ ନିରିକ୍ଷକ ରୂପେ ନିୟୋଜିତ ହୋଇଥିଲେ । ଏହି ଯାତ୍ରା ସମୟରେ ଏକ ଘଟଣା ଏପରି ଥିଲା ଯେ ହଜରତ ନୁଓ୍ୱେମାନ୍ ବିନ୍ ଅମ୍‌ରୋ ର:ଅଙ୍କ ସାଙ୍ଗ ତାଙ୍କୁ ଥଟ୍ଟାରେ ଏକ କୌମ୍ (ଜାତି) ନିକଟରେ ବିକ୍ରି କରିଦେଇଥିଲେ । ଏହି ଘଟଣାଟି ମୁଁ ହଜରତ ସୁଓ୍ୱେବିତ୍ ର:ଅଙ୍କ ବିଷୟ ବର୍ଣ୍ଣନା କରିବା ସମୟରେ ପୂର୍ବରୁ କହିସାରିଛି । କିଛି ଟା ସଂକ୍ଷିପ୍ତରେ ବର୍ଣ୍ଣନା କରିଦେଉଛି । ହଜରତ ନୁଓ୍ୱେମାନ୍ ବିନ୍ ଅମ୍‌ରୋ ର:ଅଙ୍କର ଯେଉଁ ସାଙ୍ଗ ଥିଲେ ହଜରତ ସୁଓ୍ୱେଇବିତ୍ ର:ଅ, ସେ ଅତ୍ୟନ୍ତ ମଜାଳିଆ ସ୍ୱଭାବର ଓ ଥଟ୍ଟା ପରହାସ କରିବା ବାଲା ବ୍ୟକ୍ତି ଥିଲେ ବରଂ କିଛି ରିଓ୍ୱାୟତ୍‌ରେ ଆସୁଛି ଯେ ଦୁଇଜଣଯାକ ଆପୋଷରେ ବହୁତ ବେ ତକଲ୍ଲୁଫ୍ ଅର୍ଥାତ ନିଃସଙ୍କୋଚତା ଥିଲା । ମଜା କରୁଥିଲେ, ଅର୍ଥାତ ବ୍ୟଙ୍ଗ ଉପହାସ କରୁଥିଲେ । ହଜରତ ସୁଓ୍ୱେଇବିତ୍ ର:ଅ ହଜରତ ନୋମାନ୍ ର:ଅଙ୍କୁ ସେହି ଯାତ୍ରା ସମୟରେ କହିଲେ ଯେ ମତେ ଖାଇବାକୁ ଦିଅ । ଏଥିରେ ସେ ଉତର ଦେଲେ ଯେ, ଯେ ପର୍ଯ୍ୟନ୍ତ ଅବୁବକର ର:ଅ ନ ଆସିଛନ୍ତି, ଯିଏ ସେତେବେଳେ ବାହାରକୁ ଯାଇଥିଲେ, ସେ ପର୍ଯ୍ୟନ୍ତ ଖାଇବାକୁ ଦେବି ନାହିଁ । ଏକଥା ଶୁଣି ହଜରତ ସୁଓ୍ୱେଇବିତ୍ ର:ଅ କହିଲେ ଯଦି ତୁମେ ମତେ ଖାଇବାକୁ ନ ଦେବ, ତେବେ ମୁଁ ଏମିତି କଥା କହିବି ଯଦ୍ୱାରା ତୁମକୁ କ୍ରୋଧ ଆସିବ । ରାଓ୍ୱି ବର୍ଣ୍ଣନା କରୁଛନ୍ତି ଯେ ସେହି ସମୟରେ ସେମାନେ ଏକ କୌମ୍ ନିକଟ ଦେଇ ଯାଉଥିଲେ । ସୁଓ୍ୱେବିତ୍ ସେହି କୌମକୁ କହିଲେ ଯେ କ'ଣ ତୁମେ ମୋ ଠାରୁ ଜଣେ ଗୁଲାମ୍ (ଦାସ)କୁ କିଣିବ ? ହଜୁର କହୁଛନ୍ତି: କିଛି ସମୟପରେ ବା କିଛି ଦିନ ପରେ ବା କୌଣସି ଏକ ଯାତ୍ରା ସମୟରେ ଚାଲୁ ଚାଲୁ ଏହି କଥା

ହୋଇଥିବ । ସେ ଯାହା ହେଉ ଉକ୍ତ କୌମ୍‌କୁ ହଜରତ ସୁଓ୍ୱେଇବିତ୍ ର:ଅ କହିଲେ ଯେ ମୋ ଗୁଲାମ୍‌କୁ କିଣିବ କି ? କୌମ କହିଲା ହଁ କିଣିବୁ । ଏଥିରେ ହଜରତ ସୁଓ୍ୱେଇବିତ୍ ର:ଅ ସେମାନଙ୍କୁ କହିଲେ, ସେ (ଅର୍ଥାତ ନୁମାନ୍) ବହୁତ କୁହାଳିଆ ତେଣୁ ସେ ଏକଥା କହିବା ଯେ ମୁଁ ଆଜାଦ୍ (ଅର୍ଥାତ ସ୍ୱାଧିନ) ତେଣୁ ସେ ଯେତେବେଳେ କହିବ ତୁମେ ମତେ ଛାଡ଼ିଦିଅ ସେତେବେଳେ ତୁମେ ମୋ ଗୁଲାମଙ୍କୁ କୌଣସି କଷ୍ଟ ଦେବ ନାହିଁ । ସେମାନେ କହିଲେ ନୁହେଁ ଆମେ ତ' ତାକୁ ତୁମଠାରୁ କିଣିବାକୁ ଚାହୁଁଛୁ । ସୁତରାଂ ସେ ତାଙ୍କୁ ଦଶଟି ଓଟର ପ୍ରତିବଦଳରେ କିଣିନେଲେ । ପୁଣି ସେହି ଲୋକମାନେ ନୋମାନ୍‌ଙ୍କ ନିକଟକୁ ଆସିଲେ ଓ ତାଙ୍କ ଗଳାରେ ପଗଡ଼ି ବା ରସି ପକାଇଲେ ଯଦ୍ୱାରା ଗୁଲାମ ବନାଇ ନେଇ ଯିବେ । ନୋମାନ୍ ସେମାନଙ୍କୁ କହିଲେ ଯେ ଏହି ଲୋକ ଜଣକ ତୁମମାନଙ୍କ ସହିତ ପରିହାସ କରୁଛି, ମୁଁ ତ ସ୍ୱାଧିନ ବ୍ୟକ୍ତି, ଗୁଲାମ୍ ନୁହେଁ । ଏ କଥା ଶୁଣି ସେମାନେ କହିଲେ ଯେ ଏହି ବ୍ୟକ୍ତି ଜଣଙ୍କ ତୁମ ସମ୍ବନ୍ଧରେ ପୂର୍ବରୁ ଆମକୁ ବତାଇ ଦେଇଛନ୍ତି । ସେମାନେ ଜୋର ଜବରଦସ୍ତି ତାଙ୍କୁ ଅର୍ଥାତ ନୋମାନ୍ ର:ଅଙ୍କୁ ସାଥିରେ ନେଇଗଲେ । ରାଓ୍ୱି ବତାଇଛନ୍ତି ଯେ ଯେତେବେଳେ ଅବୁବକର୍ ସିଦ୍ଦିକ୍ ର:ଅ ପହଂଚିଲେ ଓ ଲୋକମାନେ ତାଙ୍କ ସମ୍ବନ୍ଧରେ ବତାଇଲେ (ସଙ୍ଗେସଙ୍ଗେ) ହଜରତ ଅବୁବକର୍ ର:ଅ ସେହି ଲୋକମାନଙ୍କ ଅନୁଧ୍ୟାନ କଲେ, ସେହି କୌମ୍‌ର ପଛେ ପଛେ ଯାଇ ସେମାନଙ୍କୁ ତାଙ୍କ ଓଟ ଗୁଡ଼ିକୁ ଫେରାଇ ଦେଲେ ଓ ନୋମାନ୍‌ଙ୍କୁ ଫେରାଇ ଆଣିଲେ । ରାଓ୍ୱି କହୁଛନ୍ତି ଯେ ଯେତେବେଳେ ଏମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଫେରି ଆସିଲେ ଓ ଆପଣ ସ:ଆ:ସଙ୍କୁ ଏକଥା ବତାଇଲେ, ରାଓ୍ୱି କହୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ଏବଂ ସାହାବାମାନଙ୍କ ବହୁତ ମଜା ନେଲେ । ବହୁତ ହସିଲେ ଏବଂ ଏକ ବର୍ଷ ପର୍ଯ୍ୟନ୍ତ ଏମାନଙ୍କ ମଧ୍ୟରେ ଏହା ଲତିଫା ଅର୍ଥାତ ମଜା କଥା ହୋଇ ରହିଲା ।

*(ସୁନନେ ଇବ୍‌ନେ ମାଜାଃ.....ହଦିସ୍ ୩୭୧୯ ମୋଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୨,ପୃ-୩୪୮ "ବୁସ୍‌ରା" ଫରହଙ୍ଗ ସିରତ ପୃ-୫୮, "ବୁସ୍‌ରା")*

କେତେକ ସ୍ଥାନରେ, କେତେକ ପୁସ୍ତକରେ ଟିକିଏ ପରିବର୍ତନ ହୋଇ ଏକଥା / ଏ ଘଟଣା ସମ୍ବନ୍ଧରେ ଉଲ୍ଲେଖ ଅଛି ଯେ ବିକ୍ରି କରିଥିବା ବ୍ୟକ୍ତି ହଜରତ ସୁଓ୍ୱେଇବିତ୍ ନଥିଲେ ବରଂ ହଜରତ ନୋମାନ୍ ଥିଲେ ।

*(ଉସ୍‌ଦୁଲ୍ ଗାବାଃ........ଖଣ୍ଡ-୨, ପୃ-୩୫୪.........ଲେବ୍‌ନାନ୍ ୨୦୦୩)*

ସେ ଯାହାହେଉ ଦୁଇଜଣଙ୍କ ସମ୍ବନ୍ଧରେ ଏହି ରିଓ୍ୱାୟତ ଆସିଛି । ଅର୍ଥାତ ହଜରତ ନୁଓ୍ୱମାନ୍ ର:ଅଙ୍କ ସମ୍ପର୍କରେ ଏହି କଥା ମଧ୍ୟ ଆସିଛି ଯେ ତାଙ୍କ ସ୍ୱଭାବରେ ମଜାଳିଆ କଥା ଓ ଥଟ୍ଟା ପରିହାସ ମଧ୍ୟ ଥିଲା । ସୁତରାଂ ନବି କରିମ୍ ସ:ଆ:ସ ସେମାନଙ୍କ କଥା ଶୁଣି ବହୁତ ମଜା ଉଠାଉଥିଲେ ।

ରବିୟା ବିନ୍ ଉସ୍‌ମାନଙ୍କଠାରୁ ବର୍ଣ୍ଣିତ ଅଛି ଯେ ଆଁ ହଜରତ ସ:ଆ:ସଙ୍କ ନିକଟକୁ ଜଣେ ବଦ୍ଦୁ (ଅର୍ଥାତ ଗାଉଁଲି ଲୋକ) ଆସିଲେ ଓ ମସ୍‌ଜିଦ୍‌ରେ ପ୍ରବେଶ କରି ସେ ତା ଓଟଟିକୁ ପ୍ରାଙ୍ଗଣରେ ବସାଇଦେଲା । ଏହା ଦେଖି କେତେକ ସାହାବା ହଜରତ ନୋମାନଙ୍କୁ କହିଲେ ଯେ ଯଦି ତୁମେ ଏହି ଓଟଟିକୁ ନେଇ ଜେଭ (ଅର୍ଥାତ ମାସଂ ପାଇଁ ହତ୍ୟା) କରିବ ତେବେ ଆମେ ଏହାକୁ ଖାଇବା କାରଣ ଆମକୁ ମାଂସ ଖାଇବା ପାଇଁ ବହୁତ ମନ ହେଉଛି । ଏହା ତ ଜଣେ ବଦ୍ଦୁଙ୍କ ଓଟ, ଯେବେ ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଅଭିଯୋଗ କରିବ, ରସୁଲୁଲ୍ଲାଃ ସ:ଆ:ସ ତାହାର ତାଓ୍ୱାନ୍ (କ୍ଷତିପୂରଣ) ଦେଇଦେବେ । ରାଓ୍ୱି ବର୍ଣ୍ଣନା କରୁଛନ୍ତି କି ହଜରତ ନୋମନ୍ ର:ଅ ତାଙ୍କ କଥାରେ ପଡ଼ି ଉକ୍ତ ଓଟଟିକୁ ଜେଭ କରିଦେଲେ । ଯେତେବେଳେ ବଦଦୁ ଜଣକ ବାହାରକୁ ବାହାରିଲା ତା ଓଟଟିକୁ ଏପରି ଅବସ୍ଥାରେ ଦେଖି ରଡ଼ି ଛାଡ଼ିଲା ଯେ ମୁହମ୍ମଦ ସ:ଆ:ସ ! ମୋ ଓଟ ଟି ଜେଭ ହୋଇଯାଇଛି । ନବି କରିମ୍ ସ:ଆ:ସ ବାହାରକୁ ବାହାରି ପଚାରିଲେ ଏ କାର୍ଯ୍ୟ କିଏ କରିଛି ? ଲୋକମାନେ କହିଲେ ନୋମାନ୍ । ଏ କାର୍ଯ୍ୟକୁ କରି ନୋମାନ୍ ସେଠାରୁ ଖସି ଯାଇଥିଲେ, କେଉଁ ଆଡ଼େ ଯାଇ ଲୁଚି ଯାଇଥିଲେ । ତାଙ୍କୁ ଖୋଜିବା ପାଇଁ ଆଁ ହଜରତ ସ:ଆ:ସ ବାହାରିଲେ । ସେ (ଅର୍ଥାତ ନୋମାନ୍) ହଜରତ ଜୁବାଆ ବିନ୍‌ତେ ଜୁବେରି ବିନ୍ ଅବଦୁଲ୍ ମୁତଲବ୍ ର:ଅଙ୍କ ଘରେ ଲୁଚିଥିଲେ । ଯେଉଁଠି ସେ ଲୁଚିଥିଲେ, ସେହି ଆଡ଼କୁ ଜଣେ ଲୋକ ଆଙ୍ଗୁଳି ଦ୍ୱାରା ଇସାରା କରି ଉଚ୍ଚ ସ୍ୱରରେ କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ ସ:ଆ:ସ ! ମତେ କୁଆଡ଼େ କିଛି ଦେଖାଯାଉନାହିଁ । ସେ ଯାହା ହେଉ ଆଁ ହଜରତ ସ:ଆ:ସ ତାଙ୍କୁ ସେଠାରୁ ବାହାର କଲେ ଓ ପଚାରିଲେ ଯେ ତୁମେ ଏପରି ହରକତ୍ କାହିଁକି କଲ ? ଏଥିରେ ନୋମାନ୍ ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଯେଉଁ ଲୋକମାନେ ଆପଣଙ୍କୁ ମୋ ବିଷୟରେ ଖବର ଦେଇଛନ୍ତି ଯେ ମୁଁ ଏହାକୁ ଜେଭ କରିଛି ବୋଲି, ସେମାନେ ହିଁ ମତେ ଏହି କାମ କରିବାକୁ ଉସୁକାଇ ଥିଲେ । ସେମାନେ ହିଁ ମତେ କହିଥିଲେ ଏବଂ ଏ କଥା ମଧ୍ୟ କହିଥିଲେ ଯେ ପରେ ରସୁଲୁଲ୍ଲାଃ ସ:ଆ:ସ ଏହି ଓଟର ତାଓ୍ୱାନ୍ (ଅର୍ଥାତ କ୍ଷତିପୂରଣ) ଦେଇଦେବେ । ରସୁଲୁଲ୍ଲାଃ ସ:ଆ:ସ ଏ କଥା ଶୁଣି ନୋମାନ୍ ର:ଅଙ୍କ ଚେହେରାକୁ ଛୁଇଁଲେ, ନିଜ ହାତକୁ ଲଗାଇଲେ ଓ ସ୍ମିତ ହାସ୍ୟ ଦେଲେ, ତା'ପରେ ଆପଣ ସ:ଆ:ସ ସେହି ବଦଦୁଙ୍କୁ ଉକ୍ତ ଓଟର ମୂଲ୍ୟ ପ୍ରଦାନ କରିଦେଲେ ।

*(ଉସ୍‌ଦୁଲ୍ ଗାବାଃ.........ଖଣ୍ଡ-୪,ପୃ-୩୩୨........ବେରୁତ ଲେବ୍‌ନାନ୍ ୨୦୦୮)*
*(ଓ୍ୱଲ୍ ଫକାହତୁ ଓ୍ୱଲ୍ ମଜାହ ଲେଖକ ଜୁବୈର୍ ବିନ୍ ବୁକାର୍ ପୃ-୨୪-୨୫ ମୁଦ୍ରଣ ୨୦୧୭)*

ଜୁବେରି ବିନ୍ ବୁକାର ନିଜ ପୁସ୍ତକ ଓ୍ୱଲ ଫିକାହତୁ ଓ୍ୱଲ୍ ମିଜାହରେ ହଜରତ ନୋମାନ୍ ର:ଅଙ୍କ ସମ୍ବନ୍ଧରେ ଗୋଟିଏ ଘଟଣା ବର୍ଣ୍ଣନା କରି ଲେଖୁଛନ୍ତି ଯେ:

ମଦିନାରେ ଯେବେ କୌଣସି ଫେରିବାଲା ଦାଖିଲ ହୁଏ ବାହାରୁ କୌଣସି ବଣିକ କୌଣସି ବସ୍ତୁ ନେଇ ଆସେ, ହଜରତ ନୁମାନ୍ ର:ଅ ତା'ଠାରୁ ରସୁଲୁଲ୍ଲାଃ ସ:ଆ:ସଙ୍କ ପାଇଁ କୌଣସି ଜିନିଷ ଖରିଦ୍ କରନ୍ତି ଓ ସେହି ଜିନିଷକୁ ନେଇ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ପହଂଚନ୍ତି ଓ କୁହନ୍ତି ଯେ ଆପଣ ସ:ଆ:ସଙ୍କ ନିମନ୍ତେ ଏହା ମୋ ତରଫରୁ ଉପହାର । ଯେତେବେଳେ ସେହି ଜିନିଷର ମାଲିକ ତା'ର ମୂଲ୍ୟ ଅସୁଲ୍ କରିବା ପାଇଁ ହଜରତ ନୋମାନ୍ ର:ଅଙ୍କ ନିକଟକୁ ଆସନ୍ତି । ସେ କୁହନ୍ତି ମୁଁ ଏଠାରେ ରହୁଛି । ପରେ ମୂଲ୍ୟ ନେଇଯାଉଥିଲେ । ଚିହ୍ନା ପରିଚିତ ଲୋକ ଥିଲେ । ସେ ଯାହା ହେଉ ଯେତେବେଳେ ସେ ମୂଲ୍ୟ ନେବା ପାଇଁ ଆସୁଥିଲା, ସେତେବେଳେ ହଜରତ ନୋମାନ୍ ର:ଅ ତାକୁ ନବି କରିମ୍ ସ:ଆ:ସଙ୍କ ନିକଟକୁ ନେଇ ଆସୁଥିଲେ ଓ କହୁଥିଲେ ଯେ ତାକୁ ତା ଜିନିଷର ମୂଲ୍ୟ ଦେଇ ଦିଅନ୍ତୁ । ଅର୍ଥାତ ଯେଉଁ ଜିନିଷ ମୁଁ କିଣି ଆପଣଙ୍କୁ ଦେଇଥିଲି ତା'ର ମୂଲ୍ୟ ଦେଇ ଦିଅନ୍ତୁ । ଏଥିରେ ଆଁ ହଜରତ ସ:ଆ:ସ କହନ୍ତି ଯେ କ'ଣ ସେହି ଜିନିଷକୁ ତୁମେ ମତେ ଉପହାର ଦେଇନଥିଲ ? ସେ କୁହନ୍ତି ଅର୍ଥାତ ନୋମନ୍ କୁହନ୍ତି ହେ ଅଲ୍ଲାଃଙ୍କ ରସୁଲ ! ଅଲ୍ଲାଃଙ୍କ ରାଣ ଉକ୍ତ ବସ୍ତୁର ମୂଲ୍ୟଦେବା ପାଇଁ ସେତେବେଳେ ମୋ ନିକଟରେ ଅର୍ଥ ନଥିଲା, ଯେବେ କି ମୁଁ ବହୁତ ଇଚ୍ଛା ପୋଷଣ କରୁଥିଲି ଯେ, ଯଦି ତାହା ଖାଇବା ବସ୍ତୁ ତେବେ ଆପଣ ଖାଆନ୍ତୁ ଯଦି ରଖିବା ବସ୍ତୁ ତେବେ ଆପଣ ତାହା ରଖନ୍ତୁ । ଏକଥା ଶୁଣି ଆଁ ହଜରତ ସ:ଆ:ସ ସ୍ମିତହାସ୍ୟ ଦେଇ ସେହି ବସ୍ତୁର ମାଲିକଙ୍କୁ ତାହାର ମୂଲ୍ୟ ଦେବା ପାଇଁ ନିର୍ଦ୍ଦେଶ ଦିଅନ୍ତି ।

*(ଅଲଫିକାହତୁଲ୍ ମଜାହ୍, ଲେଖକ ଜୁବେର୍ ବିନ୍ ବୁକାର ପୃ-୨୭ ମୁଦ୍ରଣ ୨୦୧୭)*

ହଜୁର ଅନଓ୍ୱର ଅ:ବ:ଅ କହିଲେ: ତେବେ ଏମିତି ବହୁତ ମନମୁଗ୍‌ଧକାରୀ ପ୍ରେମପୂର୍ଣ୍ଣ ଓ ପରିହାସର ମଜାଳିଆ ମଜ୍‌ଲିସ୍ ଲାଗୁଥିଲା । ଏହା କେବଳ ସୁଖିଲା ମଜ୍‌ଲିସ୍ ନଥିଲା ।

ଦ୍ୱିତୀୟ ସାହାବି ଯାହାଙ୍କର ଏଠାରେ ଚର୍ଚ୍ଚା କରାଯିବ ସେ ହେଉଛନ୍ତି ହଜରତ ଖୁବୈଦ୍ ବିନ୍ ଇସାଫ୍ ର:ଅ । ହଜରତ ଖୁବୈଦ୍ ବିନ୍ ଇସାଫ୍ ର:ଅଙ୍କ ସମ୍ବନ୍ଧ ଅନୁସାରର ଖଜରଜ୍ କବିଲାର ଶାଖା ବନୁ ଯୁଶମ୍ ସହିତ ଥିଲା ଏବଂ ହଜରତ ଖୁବୈଦ୍ ବିନ୍ ଇସାଫ୍ ର:ଅଙ୍କ ନାମ ଆଉ ଏକ କଥନ ମୁତାବକ ହବିବ୍ ବିନ୍ ୟସାଫ୍ ଥିଲା ବୋଲି ବର୍ଣ୍ଣନା ଅଛି । ତାଙ୍କ ବାପାଙ୍କ ନାମ ଇସାଫ୍ । ଯେବେ କି ଆଉ ଏକ କୌଲ୍ (କଥନ) ମୁତାବକ ତାଙ୍କ ବାପାଙ୍କ ନାମ ୟସାଫ୍ ଥିଲା । ସେହିପରି ତାଙ୍କ ଦାଦା (ଜେଜେ)ଙ୍କ ନାମ ଇତ୍‌ବାଃ ଓ ଇନବାଃ ମଧ୍ୟ ବର୍ଣ୍ଣିତ ଅଛି ।

*(ସିରତୁନ୍ ନବଓ୍ୱିୟା.....ପୃ-୪୬୭......ବେରୁତ ୨୦୦୧) (ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୨୭୫...... ବେରୁତ ଲେବ୍‌ନାନ୍ ୧୯୯୬) (ଉସଦୁଲ୍ ଗାବାଃ ଖଣ୍ଡ-୧, ପୃ-୬୮୩.....ବେରୁତ ୨୦୦୩) ।*

ହଜରତ ଖୁବୈଦ୍ ବିନ୍ ଇସାଫ୍ ର:ଅଙ୍କ ମାଆଙ୍କ ନାମ ସଲ୍‌ମା ବିନ୍‌ତେ ମସ୍‌ଉଦ୍ ଥିଲା । ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ଜଣେ ପୁତ୍ର ଅବୁ କସିର୍ ନାମକ ଥିଲେ, ଯାହାଙ୍କ ନାମ ଅବଦୁଲ୍ଲାଃ ଥିଲା ଯିଏ ଯମିଲା ବିନ୍‌ତ ଅବଦୁଲ୍ଲାଃ ବିନ୍ ଉବେି ବିନ୍ ସଲୁଲ୍‌ଙ୍କ ଗର୍ଭରୁ ଜାତ । ଦ୍ୱିତୀୟ ପୁତ୍ରଙ୍କ ନାମ ଅବଦୁର୍ ରହ୍‌ମାନ୍ ଥିଲା ଯିଏ ଉମ୍ମେ ଓ୍ୱଲାଦ୍‌ଙ୍କ ଗର୍ଭରୁ ଜନ୍ମ ହୋଇଥିଲେ । ତାଙ୍କର ଜଣେ ଝିଅଙ୍କ ନାମ ଉନୈସା ଥିଲା ଯିଏ ଜୈନବ୍ ବିନ୍‌ତ କୈସ୍‌ଙ୍କ ଗର୍ଭରୁ ଜନ୍ମିତ । ହଜରତ ଅବୁବକର୍ ସିଦ୍ଦିକ୍ ର:ଅଙ୍କ ଦେହାନ୍ତ ପରେ ହଜରତ ଖୁବୈଦ୍ ର:ଅ ତାଙ୍କ ବେଓ୍ୱା ଅର୍ଥାତ ହଜରତ ଅବୁବକର୍ ର:ଅଙ୍କ ବେଓ୍ୱା ହବିବା ବିନ୍‌ତ ଖାରାଯାଃଙ୍କ ସହିତ ବିବାହ କରିଥିଲେ ।

*(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୨୭୫-୨୭୬......ବେରୁତ ଲେବ୍‌ନାନ୍ ୧୯୯୬) (ଉସଦୁଲ୍ ଗାବାଃ......ଖଣ୍ଡ-୩, ପୃ-୧୫୩......ବେରୁତ ଲେବ୍‌ନାନ୍ ୨୦୦୮)*

ହଜରତ ଖୁବୈଦ୍ ବିନ୍ ଇସାଫ୍ ର:ଅ ଅବଶ୍ୟ ମଦିନ ହିଜରତ କରିବା ସମୟରେ ମୁସଲମାନ ହୋଇନଥିଲେ କିନ୍ତୁ ପୁଣି ମଧ୍ୟ ସେ ହିଜରତ ସମୟରେ ମୁହାଜିର୍‌ମାନଙ୍କୁ ଆତିଥ୍ୟତା ଦେବାର ସୌଭାଗ୍ୟ ପାଇଥିଲେ । ମସୁଲମାନ ନଥିଲେ ଏହା ସତ୍ୱେ ମଧ୍ୟ ବହୁତ ଅତିଥି ସତ୍କାର କରିଥିଲେ । ହଜରତ ତଲ୍‌ହା ବିନ୍ ଅବଦୁଲ୍ଲାଃ ର:ଅ ଏବଂ ହଜରତ ସୁହେବ୍ ବିନ୍ ସିନାନ ର:ଅ ତାଙ୍କ ଘରେ ରହୁଥିଲେ । ଆଉ ଏକ ରିଓ୍ୱାୟତ ମୁତାବକ ହଜରତ ତଲ୍‌ହା, ହଜରତ ଅସ୍‌ଅଦ୍ ବିନ୍ ଜୁରାରାଃଙ୍କ ଘରେ ରହିଥିଲେ ।

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ସଂସାର ପ୍ରାପ୍ତ କରିବାର ଅସଲ ଉଦ୍ଦେଶ୍ୟ ଦୀନ୍ (ଅର୍ଥାତ୍ ଧର୍ମ) ହେଉ ଓ ଏଭଳି ଭାବେ ସଂସାରକୁ ପ୍ରାପ୍ତ କରାଯାଉ ଯେ ତାହା ଦୀନ୍‌ର ଖାଦିମ୍ ଅର୍ଥାତ୍ ସେବକ ହେଉ ।'' (ଖୁତ୍‌ବା ଯୁମାଃ: ପ୍ରଦତ ୫ ମଇ ୨୦୧୭) |
|---|---|

ତାଲିବେ ଦୁଆ: *Siddique Ahmed & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।'' *(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family, Jamat Ahmadiyya, Pankal (Odisha)*

*(ସିରତୁନ୍ ନବୱିୟା.....ପୃ-୩୩୮......ବେରୁତ ୨୦୦୧)*

ସେହିପରି ହଜରତ ଅବୁବକର୍ ସିଦ୍ଦିକ୍ ର:ଅ ଯେବେ ହିଜ୍‌ରତ କରି ମଦିନା ଆସିଲେ, ଗୋଟିଏ ରିୱାୟତ ମୁତାବକ ସେ ହଜରତ ଖୁବୈଦ୍ ର:ଅଙ୍କ ଘରେ କୁବାଠାରେ ସୁନହ୍ ନାମକ ସ୍ଥାନରେ ରହିଥିଲେ । ଏହି ସୁନହ୍ ଗୋଟିଏ ଜାଗାର ନାମ ଯାହା ମଦିନାର ବାହ୍ୟରେ ଥିବା ଏକ ଉଚ୍ଚା ଦେହାତି ଇଲାକା ଯେଉଁଠି ବନି ହାରିସ୍ ବିନ୍ ଖଜ୍‌ରଜ୍‌ର ଲୋକମାନେ ବସବାସ କରୁଥିଲେ । ଯେବେ କି ଅନ୍ୟ ଏକ ରିୱାୟତ ମୁତାବକ ହଜରତ ଅବୁବକର ର:ଅ ହଜରତ ଖାରିଯାଃ ବିନ୍ ଜୈଦ୍ ର:ଅଙ୍କ ଘରେ ରହିଥିଲେ ।

*(ସିରତୁନ୍ ନବୱିୟା....ପୃ-୩୪୮......ବେରୁତ ୨୦୦୧....ଲୁଗାତୁଲ୍ ହଦିସ୍ ଖଣ୍ଡ-୨, ପୃ-୩୭୩ "ସୁନହ୍" ।)*

ବଦର ଯୁଦ୍ଧ ବ୍ୟତିତ ଉହଦ୍, ଖନ୍ଦକ ଏବଂ ଅନ୍ୟାନ୍ୟ ସମସ୍ତ ଗଜ୍‌ୱାତ୍‌ରେ ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ ହୋଇଥିଲେ ।

*(ତବକାତୁଲ୍ କୁବ୍‌ରା ଖଣ୍ଡ-୩,ପୃ-୨୭୬.......ବେରୁତ ଲେବନାନ୍ ୧୯୯୬)*

ଏକ ରିୱାୟତ ମୁତାବକ ଖୁବୈଦ୍ ବିନ୍ ଇସାଫ୍ ର:ଅଙ୍କର ମଦିନାରେ ଘର ଥିଲା । କିନ୍ତୁ ଏହା ସତ୍ୱେ ମଧ୍ୟ ସେ ଇସ୍‌ଲାମ୍ ଗ୍ରହଣ କରିନଥିଲେ ଏପରି କି ନବି କରିମ୍ ସ:ଆ:ସ ବଦର ଯୁଦ୍ଧ ପାଇଁ ବାହାରିପଡ଼ିଲେ । ସେହି ସମୟରେ ସେ ରାସ୍ତାରେ ନବି କରିମ୍ ସ:ଆ:ସଙ୍କ ସହିତ ଯାଇ ମିଶିଲେ ଏବଂ ଇସ୍‌ଲାମ୍ ମଧ୍ୟ ଗ୍ରହଣ କଲେ ।

*(ଉସ୍‌ଦୁଲ୍ ଗାବାଃ.......ଖଣ୍ଡ-୩,ପୃ-୧୫୨......ବେରୁତ ଲେବ୍‌ନାନ୍ ୨୦୦୮)*

ସହି ମସୁଲିମ୍‌ରେ ହଜରତ ଖୁବୈଦ୍ ବିନ୍ ଇସାଫ୍ ର:ଅଙ୍କ ଇସ୍‌ଲାମ୍ ଗ୍ରହଣ କରିବା ବିଷୟରେ ଏପରି ଉଲ୍ଲେଖ ଅଛି, ଯେ ଏହା ଆଁ ହଜରତ ସ:ଆ:ସଙ୍କ ପବିତ୍ର ପତ୍ନୀ ଉମ୍ମୁଲ୍ ମୁମିନିନ୍ ହଜରତ ଆଇଶା ର:ଅଙ୍କଠାରୁ ବର୍ଣ୍ଣିତ ଅଛି । ସେ କହୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ବଦର ଆଡ଼କୁ ବାହାରିଲେ । ଯେବେ ସେ ମଦିନାଠାରୁ ତିନିମାଇଲ ଦୂରତାରେ ଥିବା **ହର୍‌ରତୁଲ୍ ୱବରାଃ** ନାମକ ସ୍ଥାନରେ ପହଂଚିଲେ, ସେଠାରେ ଆପଣ ସ:ଆ:ସଙ୍କୁ ଜଣେ ବ୍ୟକ୍ତି ମିଳିଲେ, ଯାହାଙ୍କ ଦମ୍ଭ ଓ ସାହାସ ବିଷୟରେ ଚର୍ଚ୍ଚା ହେଉଥିଲା । ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବାମାନେ ଯେବେ ତାଙ୍କୁ ଦେଖିଲେ, ବହୁତ ଖୁସି ହୋଇଗଲେ । ଯେବେ ସେ ଆଁ ହଜରତ ସ:ଆ:ସଙ୍କ ସହିତ ସାକ୍ଷାତ କଲେ ଓ ଆଁ ହଜରତ ସ:ଆ:ସଙ୍କୁ ନିବେଦନ କଲେ ଯେ ମୁଁ ଆପଣଙ୍କ ସହିତ ଯୁଦ୍ଧରେ ଯୋଗଦେବାପାଇଁ ଓ ମାଲେ ଗନିମତ୍ (ଅର୍ଥାତ ଯୁଦ୍ଧ ଜିଣିବା ପରେ ହାରିଯାଇଥିବା ପକ୍ଷଙ୍କ ଧନ ସମ୍ପତି) ଭାଗନେବା ପାଇଁ ଆସିଛି । ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ କହିଲେ କଣ ତୁମେ ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କ ଉପରେ ଇମାନ୍ ଅର୍ଥାତ ବିଶ୍ୱାସ ଆଣୁଛ ? ସେ କହିଲେ ନା, ମୁଁ ଇମାନ୍ ଆଣୁନାହିଁ । ମୁଁ ମସୁଲମାନ ନୁହେଁ । ଏହା ଶୁଣି ଆଁ ହଜରତ ସ:ଆ:ସ ତାଙ୍କୁ କହିଲେ ଫେରିଯାଅ କାରଣ ମୁଁ କୌଣସି ମୁଶ୍‌ରିକ୍ ଅର୍ଥାତ ବହୁଇଶ୍ୱରବାଦୀ ବ୍ୟକ୍ତିଙ୍କଠାରୁ ସାହାଯ୍ୟ ନେବାକୁ ଚାହୁଁନାହିଁ । ଏକଥା ଶୁଣି ସେ ଚାଲିଗଲେ । ପୁଣି ଆଁ ହଜରତ ସ:ଆ:ସ ଯେତେବେଳେ **ଶଜ୍‌ରାଃ**ଠାରେ ପହଂଚିଲେ, ଯାହା ଜୁଲ୍ ହଲିଫାଃ ନିକଟରେ ଥିବା ଏକ ସ୍ଥାନ ଅଛି । ଓ ମଦିନାଠାରୁ ଛଅ ସାତ ମାଇଲ୍ ଦୂରତାରେ ଅବସ୍ଥିତ । ସେ ଯାହାହେଉ ଯେବେ ସେହି ସ୍ଥାନରେ ପହଂଚିଲେ, ଉକ୍ତ ବ୍ୟକ୍ତି ଜଣଙ୍କ ପୁଣି ଆଁ ହଜରତ ସ:ଆ:ସଙ୍କ ସହିତ ଆସି ସାକ୍ଷାତ କଲେ ଓ ପୂର୍ବଭଳି ପୂନର୍ବାର ସେହି କଥା କହିଲେ । ନବି କରିମ୍ ସ:ଆ:ସ ତାଙ୍କୁ ସେହିପରି ପୂର୍ବେ କହିଥିବା କଥା କହିଲେ । (ଅର୍ଥାତ) ଆପଣ ସ:ଆ:ସ କହିଲେ ଯେ ଫେରିଯାଓ ମୁଁ କୌଣସି ମୁଶ୍‌ରିକ୍‌ଠାରୁ ସାହାଯ୍ୟ ନେବି ନାହିଁ । ସେଠାରୁ ସେ ଚାଲିଗଲେ । ପୁଣି ଶଜ୍‌ରାଃ ନିକଟରେ ଥିବା ଏକ ସ୍ଥାନ ବୈଦାଆଠାରେ ଯାଇ ସାକ୍ଷାତ କଲେ । ଏଥିରେ ଆଁ ହଜରତ ସ:ଆ:ସ ତାଙ୍କୁ ପୂର୍ବଭଳି କହିଲେ ଯେ ମୁଁ ମୁଶ୍‌ରିକ୍‌ଠାରୁ ସାହାଯ୍ୟ ନେବି ନାହିଁ । ପୁଣି ଆଁ ହଜରତ ସ:ଆ:ସ ପଚାରିଲେ ଯେ କଣ ତୁମେ ଅଲ୍ଲାଃ ଓ ତାହାଙ୍କ ରସୁଲ୍ ସ:ଆ:ସଙ୍କ ଉପରେ ଇମାନ୍ ଆଣୁଛ ? ଏଥିରେ ସେ କହିଲେ ହଁ । ଏକଥା ଶୁଣି ଆଁ ହଜରତ ସ:ଆ:ସ କହିଲେ ଚାଲ ଏବେ ତୁମେ ମୋ ସହିତ ଯାଇପାର ।

*(ସହି ମୁସ୍‌ଲିମ୍ କିତାବୁଲ୍ ଯିହାଦ୍.......ହଦିସ୍ ୧୮୧୭) (ମୋଅଯମୁଲ୍ ବୁଲ୍‌ଦାନ ଖଣ୍ଡ-୩, ପୃ-୧୪୨,.... ଅକ୍‌ମଲୁଲ୍ ମୁଅଲ୍ଲିମ୍.......ଖଣ୍ଡ-୪,ପୃ-୧୮୧.......ଦାରୁଲ୍ ୱଫା ୧୯୯୮)*

ଏହି ରିୱାୟତ୍‌ର ଶରହ୍ (ବ୍ୟାଖ୍ୟା)ରେ କୁହାଯାଇଛି ଯେ ଯେଉଁ ବ୍ୟକ୍ତିଙ୍କର ଇସ୍‌ଲାମ୍ ଗ୍ରହଣ କରିବା ବିଷୟ ଏହି ରିୱାୟତ୍‌ରେ କରାଯାଇଅଛି ସେ ହଜରତ ଖୁବୈଦ୍ ର:ଅ ଥିଲେ ।

*(ଅଲ୍‌ବହ୍‌ରୁଲ୍ ମୁହିତ୍........ଖଣ୍ଡ-୩୧, ପୃ-୬୨୦......ରିୟାଜ୍ ୧୪୩୪ ହିଜ୍‌ରୀ)*

ହଜରତ ଖୁବୈବ୍ ବିନ୍ ଇସାଫ ର:ଅଙ୍କ ଇସ୍‌ଲାମ୍ ଗ୍ରହଣ କରିବା ସମ୍ବନ୍ଧରେ ଏବଂ ବଦର ଯୁଦ୍ଧରେ ଯୋଗ ଦେବା ସମ୍ବନ୍ଧରେ ଚର୍ଚ୍ଚା କରି ଅଲ୍ଲାମା ନୁରୁଦ୍ଦିନ୍ ହଲ୍‌ବି ନିଜ ପୁସ୍ତକ ସିରତେ ହଲ୍‌ବିୟାରେ ବର୍ଣ୍ଣନା କରୁଛନ୍ତି ଯେ:

ମଦିନାରେ ହବିବ୍ ବିନ୍ ୟସାଫ୍ ର:ଅ ନାମକ ଜଣେ ଶକ୍ତିଶାଳୀ ବାହାଦୁର୍ ବ୍ୟକ୍ତି ଥିଲେ । ଏହା ହଜରତ ଖୁବୈବ୍ ବିନ୍ ଇସାଫ ର:ଅଙ୍କ ଦ୍ୱିତୀୟ ନାମ, ଯାହା ସିରତୁର ପୁସ୍ତକ ଗୁଡ଼ିକରେ ଉଲ୍ଲେଖ ରହିଛି । ସେ ଯାହାହେଉ ସେହି ବ୍ୟକ୍ତି ଜଣକ ଖଜ୍‌ରଜ୍ କବିଲାର ଥିଲେ । ସେ ବଦର ଯୁଦ୍ଧ ଅନୁଷ୍ଠିତ ହେବା ପର୍ଯ୍ୟନ୍ତ ମୁସଲମାନ ହୋଇନଥିଲେ । କିନ୍ତୁ ସେ ମଧ୍ୟ ତାଙ୍କ କବିଲା ଖଜ୍‌ରଜ୍‌ଙ୍କ ସହିତ ଯୁଦ୍ଧ ଜିଣିବା ଉଦ୍ଦେଶ୍ୟରେ ଓ ମାଲେ ଗନିମତ (ଅର୍ଥାତ ଯୁଦ୍ଧ ଜିଣିବା ପରେ ଶତୃପକ୍ଷଙ୍କ ଧନ ସମ୍ପତି) ମିଳିବା ଆଶାରେ ଯୁଦ୍ଧ କରିବା ପାଇଁ ବାହାରିଲେ । ମୁସଲମାନମାନେ ତାଙ୍କୁ ଦେଖି ବହୁତ ଖୁସି ହେଲେ କିନ୍ତୁ ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ କହିଲେ ଯେ ଆମ ସହିତ କେବଳ ସେହି ବ୍ୟକ୍ତି ଯୁଦ୍ଧ କରିବା ପାଇଁ ଯିବ ଯିଏ ଆମ ଧର୍ମର ହୋଇଥିବ । ଆଉ ଏକ ରିୱାୟତରେ ଆସୁଛି ଯେ ଆଁ ହଜରତ ସ:ଆ:ସ ତାଙ୍କୁ କହିଲେ ତୁମେ ଫେରିଯାଅ ଆମେ ମୁଶ୍‌ରିକ୍ (ଅନେକେଶ୍ୱରବାଦୀ)ଙ୍କ ଠାରୁ ସାହାଯ୍ୟ ନେବାକୁ ଚାହୁଁନାହୁଁ । ହବିବ୍‌ଙ୍କୁ ବର ଖୁବୈବ୍‌ଙ୍କୁ ଆଁ ହଜରତ ସ:ଆ:ସ ଦୁଇଥର ଲେଉଟାଇ ଦେଇଥିଲେ । ତୃତୀୟଥର ଆପଣ ସ:ଆ:ସ ତାଙ୍କୁ କହିଲେ: କ'ଣ ତୁମେ ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କ ଉପରେ ବିଶ୍ୱାସ ଆଣୁଛ ? ଏଥିରେ ସେ କହିଲେ ହଁ ମୁଁ ଇସ୍‌ଲାମ୍ ଗ୍ରହଣ କରୁଛି । ତା'ପରେ ସେ ବହୁତ ବାହାଦୁରୀ / ସାହାସ ଦେଖାଇ ଖୁବ୍ ଭଲଭାବେ ଯୁଦ୍ଧ କଲେ ।

*(ସିରତୁଲ୍ ହଲ୍‌ବିୟା ଖଣ୍ଡ-୨, ପୃ-୨୦୪.........ବେରୁତ ୨୦୦୨)*

ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲରେ ହଜରତ ଖୁବୈବ୍‌ଙ୍କଠାରୁ ବର୍ଣ୍ଣିତ, ତାଙ୍କ ଇସ୍‌ଲାମ୍ ଗ୍ରହଣ କରିବା ସମ୍ବନ୍ଧରେ ଏପରି ଉଲ୍ଲେଖ ରହିଛି ଯେ; ମୁଁ ଏବଂ ମୋ କୌମ୍ (ଜାତି)ର ଆଉ ଜଣେ ବ୍ୟକ୍ତି ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ସେ ସମୟରେ ଉପସ୍ଥିତ ହେଲୁଁ, ଯେତେବେଳେ ଆପଣ ସ:ଆ:ସ ଗୋଟିଏ ଯୁଦ୍ଧ ଅଭିଜାନ ନିମନ୍ତେ ପ୍ରସ୍ତୁତି ଚଳାଇଥିଲେ । ଆମେ ସେ ପର୍ଯ୍ୟନ୍ତ ଇସ୍‌ଲାମ୍ ଗ୍ରହଣ କରି ନଥିଲୁ । ଆମେ ନିବେଦନ କଲୁ ଯେ ଆମକୁ ଏଥିଯୋଗୁଁ ବହୁତ ଲଜ୍ଜା ଲାଗୁଛି କି ଆମ କୌମ ଯୁଦ୍ଧ କରିବା ପାଇଁ ବାହାରିଛି ଅଥଚ ଆମେ ତାଙ୍କ ସହିତ ସାମିଲ ନାହୁଁ । ଏହା ଶୁଣି ଆଁ ହଜରତ ସ:ଆ:ସ କହିଲେ ଯେ କଣ ତୁମେ ଦୁଇ ଜଣଯାକ ଇସଲାମ୍ ଗ୍ରହଣ କରିସାରିଛ ? ଆମେ କହିଲୁ ନାହିଁ । ଏଥିରେ ଆଁ ହଜରତ ସ:ଆ:ସ କହିଲେ ଆମେ କଦାପି ମୁଶ୍‌ରିକମାନଙ୍କ ବିରୋଧରେ ଅନ୍ୟ ମୁଶରିକଙ୍କଠାରୁ ସାହାଯ୍ୟ ନେବୁ ନାହିଁ । ମୁଶ୍‌ରିକ୍‌ଙ୍କ ସହିତ ଯୁଦ୍ଧ ହେଉଛି ତେଣୁ ଏହା କିପରି ହୋଇପାରେ ଯେ ଆମେ ମୁଶ୍‌ରିକ୍‌ଙ୍କଠାରୁ ସାହାଯ୍ୟ ନେବୁ । ତା'ପରେ ଆମେ ଇସ୍‌ଲାମ୍ ଗ୍ରହଣ କରିନେଲୁ ଏବଂ ଆଁ ହଜରତ ସ:ଆ:ସଙ୍କ ସହିତ ଏହି ଯୁଦ୍ଧରେ ସାମିଲ ହେଲୁ । ମୁଁ ଏହି ଯୁଦ୍ଧରେ ଜଣେ ବ୍ୟକ୍ତିଙ୍କ ହତ୍ୟା କଲି, ସେ ମଧ୍ୟ ମତେ ଆଘାତ ପହଂଚାଇଛି । ତା'ପରେ ମୁଁ ଯେବେ ଉକ୍ତ ହତ୍ୟା ହୋଇଥିବା ବ୍ୟକ୍ତିଙ୍କ ଝିଅଙ୍କୁ ବିବାହ କଲି, ସେ ମତେ କହୁଥିଲେ ଯେ ତୁମେ ସେହି ବ୍ୟକ୍ତିଙ୍କୁ ଭୁଲିପାରିବି ନାହିଁ ଯିଏ ତୁମକୁ ଆଘାତ ପହଂଚାଇଥିଲେ । ଏହା ଶୁଣି ମୁଁ ମଧ୍ୟ ତାଙ୍କୁ (ଅର୍ଥାତ ମୋ ସ୍ତ୍ରୀଙ୍କୁ) କହୁଥିଲି ଯେ ତୁମେ ମଧ୍ୟ ସେହି ବ୍ୟକ୍ତିଙ୍କ ଭୁଲିପାରିବ ନାହିଁ ଯିଏ ତୁମ ବାପାଙ୍କୁ ଯଥାଶିଘ୍ର ନିଆଁରେ ପକାଇଲା । (ଅର୍ଥାତ ନର୍କକୁ ପଠାଇଲା) ।

*(ମସନଦ୍ ଅହମଦ୍ ବିନ୍ ହମ୍ବଲ୍......ଖଣ୍ଡ-୫,ପୃ-୪୧୧, ହଦିସ-୧୫୮୫୫........ବେରୁତ ଲେବନାନ୍ ୧୯୯୮)*

ବଦର ଯୁଦ୍ଧରେ ହଜରତ ଖୁବୈବ୍ ବିନ୍ ଇସାଫ ର:ଅ ମକ୍କାର କୁରୈଶ୍ ବଂଶୀୟ ସର୍ଦ୍ଦାର ଉମୈୟା ବିନ୍ ହଲ୍‌ଫଙ୍କୁ ହତ୍ୟା କରିଥିଲେ । ସେହି ଘଟଣାର ବିବରଣୀ ସଂକ୍ଷେପରେ ହତ୍ୟା ହୋଇଥିବା ବ୍ୟକ୍ତିଙ୍କ ନାମ ନ ନିଆଯାଉ ମସ୍‌ନବ୍ ଅହମଦ୍ ବିନ୍ ହମ୍ବଲର ରିୱାୟତରେ ଉଲ୍ଲେଖ ଅଛି । ବିଭାଘରର ଘଟଣା ।

ଏହି ଘଟଣାଟି ବୀବରଣୀ ସମ୍ବନ୍ଧରେ ଅଲ୍ଲାମା ନୁରୁଦ୍ଦିନ୍ ହଲ୍‌ବି ନିଜ ପୁସ୍ତକ ''ସିରତୁଲ୍ ହଲ୍‌ବିୟା''ରେ ବର୍ଣ୍ଣନା କରୁଛନ୍ତି ଯେ ହଜରତ ଅବଦୁର୍ ରହମାନ୍ ବିନ୍ ଅଓଫ୍ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ଯୁଦ୍ଧ କ୍ଷେତ୍ରରେ ମତେ ଉମୈୟା ବିନ୍ ହଲ୍‌ଫ୍ ମିଳିଲା । ସେ ଜାହିଲିୟତ ଯୁଗରେ (ଅର୍ଥାତ ଇସଲାମ ପୂର୍ବ ସମୟରେ) ମୋର ବନ୍ଧୁ ଥିଲା । ଉମୈୟା ସହିତ ତା'ର ପୁଅ ଅଲି ମଧ୍ୟ ଥିଲା, ଯିଏ ତା ବାପାର ହାତକୁ ଧରି ରଖିଥିଲା । ଏହି ଅଲି ହେଉଛନ୍ତି ସେହି ମୁସଲମାନମାନଙ୍କ ମଧ୍ୟରୁ ଜଣେ, ଯେଉଁମାନେ ନବି କରିମ୍ ସ:ଆ:ସଙ୍କ ମକ୍କାରୁ ମଦିନା ହିଜ୍‌ରତ କରିବା ପୂର୍ବରୁ ଇସଲାମ୍ ଗ୍ରହରଣ କରିଥିଲେ । ତପରେ ତାଙ୍କ ବନ୍ଧୁବାନ୍ଧବମାନେ ତାଙ୍କୁ ଇସଲାମ ପରିତ୍ୟାଗ କରିବାପାଇଁ ଚାପ ପକାଇବାରେ ଲାଗିଲେ ଓ ସଫଳ ହେଲେ । ତା'ପରେ ପୁଣି ଇସ୍‌ଲାମ୍ ପରିତ୍ୟାଗ କରି ଫେରିଗଲେ । ପୁଣି ଏମାନେ କୁଫର୍ ଅର୍ଥାତ ଅମାନ୍ୟକାରୀ ରହିବା ଅବସ୍ଥାରେ ମୃତ୍ୟୁବରଣ କଲେ । ଏହି ଲୋକମାନଙ୍କ ସମ୍ବନ୍ଧରେ ଅଲ୍ଲାଃ ତାଲା ଏହି ଆୟତ ଅବତୀର୍ଣ୍ଣ କରିଛନ୍ତି କି **ଇନ୍ନଲ୍ ଲଜିନା ତୱଫାହୁମୁଲ୍ ମଲାଇକାତୁ ଜାଲିମି ଅନ୍‌ଫୁସିହିମ୍ କାଲୁ ଫିମା କୁନ୍‌ତୁମ୍ କାଲୁ କୁନ୍ନା ମୁସ୍‌ତଜ୍‌ଅଫିନା ଫିଲ୍‌ଅର୍‌ଜ୍** (ନିସା:୯୮) ଅର୍ଥାତ: ଅବଶ୍ୟ ଯେଉଁ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଲୋକମାନେ ନିଜ ଜୀବନ ପ୍ରତି ଅତ୍ୟାଚର କରୁଥିବା ବେଳେ ଦେବଦୁତମାନେ ସେମାନଙ୍କର ପ୍ରାଣନାଶ କରିଥିଲେ, ସେ (ଦେବଦୂତ)ମାନେ (ସେମାନଙ୍କୁ) ପଚାରିବେ, ''ତୁମେମାନେ କ'ଣ ଭାବୁଥିଲ'' ସେମାନେ (ଅର୍ଥାତ ଦେଶତ୍ୟାଗ କରିବାକୁ ଅମଙ୍ଗ ହେଉଥିବା ଲୋକମାନେ ଉତରରେ) କହିବେ, ''ଦେଶରେ ଆମମାନଙ୍କୁ ଦୂର୍ବଳମନେ କରାଯାଉ ଥିଲା; (ତେଣୁ ଦେଶତ୍ୟାଗ କଲୁ ନାହିଁ) । ସେ ଯାହାହେଉ ସେ କହୁଛନ୍ତି ଯେ ଏହିପରି ଲୋକମାନଙ୍କ ମଧ୍ୟରେ ହାରିସ୍ ବିନ୍ ରବିୟା, ଅବୁ କୈସ୍ ବିନ୍ ଫାକିହ୍, ଅବୁ କୈସ୍ ବିନ୍ ୱଲିଦ୍, ଆସ୍ ବିନ୍ ମୁନ୍ନବହ୍ ଏବଂ ଅଲି ବିନ୍ ଉମୈୟା ଥିଲେ । ଅଲ୍ଲାମା ନୁରଦ୍ଦିନ୍ ହଲ୍‌ବି ଲେଖୁଛନ୍ତି ଯେ ପୁସ୍ତକ ସିରତ ହିଶାମିୟାରେ ଲେଖା ଅଛି ଯେ ଏହି ଲୋକମାନେ ଯେବେ ଇସ୍‌ଲାମ୍ ଗ୍ରହଣ କଲେ, ସେତେବେଳେ ରସୁଲୁଲ୍ଲା ସ:ଆ:ସ ମକ୍କାରେ ଥିଲେ । ପୁଣି ଯେବେ ରସୁଲୁଲ୍ଲା ସ:ଆ:ସ ମଦିନା ଆଡ଼କୁ ହିଜ୍‌ରତ୍ କଲେ, ସେତେବେଳେ ସେହି ଲୋକମାନଙ୍କୁ ତାଙ୍କ ବାପା, ଜେଜେ (ଅର୍ଥାତ ଜ୍ଞାତି କୁଟୁମ୍ବ)ମାନେ ମକ୍କାରେ ରୋକିଦେଲେ ଏବଂ ସେମାନଙ୍କୁ ପଥରେ ପକାଇଦେଲେ ଫଳତଃ ସେହି ଲୋକମାନେ ଫିତ୍‌ନାରେ ପଡ଼ିଗଲେ (ଅର୍ଥାତ ପଥଭ୍ରଷ୍ଟ ହୋଇ) ଇସ୍‌ଲାମକୁ ଛାଡ଼ିଦେଲେ । ତା'ପରେ ଏମାନେ ବଦର ଯୁଦ୍ଧ ସମୟରେ ନିଜ କୌମ୍ ସହିତ ବାହାରିଲେ, ଏବଂ ସମସ୍ତେ ବଦର ଯୁଦ୍ଧରେ ହତ୍ୟା ହେଲେ । ଏ କଥାରୁ ଜଣା ପଡୁଛି ଯେ ଏମାନେ ଆଁ ହଜରତ ସ:ଆ:ସଙ୍କ ହିଜ୍‌ରତ କିରବା ପୂର୍ବରୁ ନିଜ ଧର୍ମରୁ ଫେରିନଥିଲେ ଯେବେ କି ପ୍ରଥମ ରିୱାୟତରୁ ଜଣା ପଡୁଛି ଯେ ଏମାନେ ଆଁ ହଜରତ ସ:ଆ:ସଙ୍କ ମକ୍କାରୁ ମଦିନା ହିଜ୍‌ରତ କରିବା ପୂର୍ବରୁ ଅମାନ୍ୟକାରୀ ହୋଇ ଇସ୍‌ଲାମକୁ ଛାଡ଼ି ସାରିଥିଲେ ।

ସେ ଯାହା ହେଉ ହଜରତ ଅବଦୁର୍ ରହମାନ ର:ଅ ବର୍ଣ୍ଣନା କରୁଛନ୍ତି । ଯେ ମୋ ନିକଟରେ ଅନେକ ଯୁଦ୍ଧ କବଚ ଥିଲା ଯାହାକୁ ମୁଁ ପିନ୍ଧିଥିଲି, ଯେତେବେଳେ ଉମୈୟା ମତେ ଦେଖିଲା, ମତେ ମୋର ଜାହିଲିୟତ ସମୟର ନାମ ଧରି ଡ଼ାକିଲା ହେ ଅବ୍‌ଦ ଉମର୍ ! ମୁଁ ତାର ଉତର ଦେଲି ନାହିଁ । କାରଣ ଯେବେ ରସୁଲୁଲ୍ଲା ସ:ଆ:ସ ଯେବେ ମୋ ନାମକୁ ଅବଦୁର୍ ରହମାନ୍ ରଖିଥିଲେ ସେତେବେଳେ ଏକଥା କହିଥିଲେ ଯେ କଣ ତୁମେ ଏହି ନାମକୁ ଛାଡ଼ିବା ପାଇଁ ପସନ୍ଦ କରିବ ଯାହାକୁ ତୁମ ବାପା ଜେଜେ ଦେଇଛନ୍ତି ? ମୁଁ କହିଲି ଆଜ୍ଞା ହଁ । ଏଥିରେ ପୁଣି ଯେତେବେଳେ ଉମୈୟା ପୂନର୍ବାର ଅବଦୁର୍ ରହମାନ୍ କରି ସମ୍ୱୋଧନ କଲା, ମୁଁ ତା ଡ଼ାକର ଉତର ଦେଲି । ଏଥିରୁ ଜଣାପଡୁଛି ଯେ ଯେତେବେଳେ ଉମୈୟା ତାଙ୍କୁ ତାଙ୍କ ପୁରୁଣା ନାମକୁ ସମ୍ୱୋଧନ କରି ଡ଼ାକିଲେ, ସେ ବୁଝି ତ ସାରିଥିଲେ କି ତାଙ୍କୁ ଡ଼କାଯାଇଛଇ କିନ୍ତୁ ସେ ତା ର ଉତର ଏଥିପାଇଁ ଦେଲେ ନାହିଁ ଯେ ଡ଼ାକିବା ବାଲା ତାଙ୍କୁ ଏକ ଠାକୁରଙ୍କ ଭକ୍ତ/ ଦାସ କହି ଡ଼ାକିଥିଲେ । ଏହା ମଧ୍ୟ ହୋଇପାରେ ଯେ ସେ ସେତେବେଳେ ଏ କଥା ବୁଝିପାରିନଥିବେ କି କାହାକୁ ଡ଼କାଯାଇଛି ବୋଲି କାରଣ ଉକ୍ତ ପୁରୁଣା ନାମକୁ ଛାଡ଼ିବାରେ ବହୁତ ଦିନ ବିତି ଯାଇଥିଲା । ପୁଣି ଯେତେବେଳେ ଉମୈୟା ତାଙ୍କୁ ତାଙ୍କର ବର୍ତମାନର ନାମ (ଅର୍ଥାତ ଅବ୍‌ଦୁର୍ ରହ୍‌ମାନ୍) ନେଇ ଡ଼ାକିଲେ । ସେ ବୁଝିଗଲେ ଯେ ମତେ ଡ଼କାଯାଇଛି ତେଣୁ ସେ ତା ପ୍ରତି ଧ୍ୟାନ ଦେଲେ । ପୁଣି ଉମୈୟା ତାଙ୍କୁ କହିଲା ଯେ ଯଦି ତୁମ ଉପରେ ମୋର କୌଣସି ଅଧିକାର ଅଛି ତେବେ ମୁଁ ତୁମ ପାଇଁ ଉକ୍ତ ଯୁଦ୍ଧ କବଚଠାରୁ ଉତମ, ଯାହା ତୁମ ନିକଟରେ ଅଛି । ପୁରୁଣା ବନ୍ଧୁ ଥିଲେ ତେଣୁ ବନ୍ଧୁତ୍ୱ ସମ୍ବନ୍ଧର କହିଲେ । କାରଣ ସେ ସମୟରେ ଏପରି ଅବସ୍ଥା ଥିଲା ଯେ ସେମାନେ ହାରିତ ଯାଇଥିଲେ ତେଣୁ ବଂଚିବା ପାଇଁ ଏ କଥା କହିଲେ ଯେ ସେହି ଯୁଦ୍ଧ କବଚଠାରୁ ମୁଁ ଉତମ ତେଣୁ ମୋ ପାଇଁ ବ୍ୟବସ୍ଥା କଲା । ହଜରତ ଅବଦୁର ରହମାନ୍ କହିଲେ ଠିକ୍ ଅଛି । ପୁଣି ମୁଁ ଯୁଦ୍ଧ କବଚକୁ ତଳେ ଓହ୍ଲାଇ ରଖିଦେଲି ଓ ଉମୈୟା ଏବଂ ତା ପୁଅ ଅଲୀର ହାତକୁ ଧରିନେଲି । ଉମୈୟା କହିବାକୁ ଲାଗିଲା ଯେ ମୁଁ ସାରା ଜୀବନ କେବେ ଏପରି ଦିନ ଦେଖି ନାହିଁ, ଯାହା ଆଜି ବଦର ଦିନ ଦେଖିବାକୁ ପାଇଲି । ପୁଣି ସେ ପଚାରିଲା ଯେ ତୁମମାନଙ୍କ ମଧ୍ୟରେ ଏପରି କୌଣସି ବ୍ୟକ୍ତି ଅଛନ୍ତି ଯାହାଙ୍କ ଛାତିରେ ଯୁଦ୍ଧ କବଚରେ ଓଟ ପକ୍ଷୀର ପର ଲାଗିଥିବ । ମୁଁ କହିଲି ହମ୍‌ଜାଃ ବିନ୍ ଅବଦୁଲ୍ ମୁତଲିବ୍ ର:ଅ । ଉମୈୟା କହିଲା ଯେ ଏ ସବୁ କାର୍ଯ୍ୟ ସେ ହିଁ କରିଛି । ତାଙ୍କ ଯୋଗୁଁ ଆମର ଏପରି ଅବସ୍ଥା ହୋଇଛି । ଏହା ତାଙ୍କ ନିଜ ମନର ଆକଳନ ଥିଲା । ଆଉ ଗୋଟିଏ କଥନରୁ ମିଳୁଛି ଯେ ଉକ୍ତ କଥାକୁ ଉମୈୟାର ପୁଅ କହିଥିଲେ ବୋଲି । ସେ ଯାହା ହେଉ ହଜରତ ଅବଦୁର ରହ୍‌ମାନ୍ ବିନ୍ ଅଓଫ୍ କହୁଛନ୍ତି ଯେ ତା'ପରେ ମୁଁ ସେହି ଦୁଇଜଣଯାକୁ ସାଥିରେ ନେଇ ଚାଲିଲି । ଅଚାନକ ହଜରତ ବିଲାଲ ଉମୈୟାକୁ ଦେଖିନେଲେ, ଓ କହିଲେ କାଫିର୍ (ଅମାନ୍ୟକାର) ମାନଙ୍କ ସର୍ଦ୍ଦାର ଏଠାରେ ଅଛି । ଯଦି ଇଏ ବଚିଂଚାଲିଗଲା ତେବେ ବୁଝି ନିଅ ଯେ ମୁଁ ବଂଚିବି ନାହିଁ । ହଜରତ ଅବଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ କହୁଛନ୍ତି ଯେ, ଏକଥା ଶୁଣି ମୁଁ କହିଲି ତୁମେ ମୋ କଏଦୀ ମାନଙ୍କ ସମ୍ବନ୍ଧରେ ଏ କଥା କହୁଛ ? ହଜରତ ବେଲାଲ୍ ବାରମ୍ବାର ଏ କଥା କହୁଥିଲେ ଯେ ଯଦି ଇଏ ବଂଚିଗଲା, ମୁଁ ବଂଚିବି ନାହିଁ । ମୁଁ ମଧ୍ୟ ପ୍ରତ୍ୟେକ ଥର ସେହି କଥା କହୁଥିଲି । ପୁଣି ହଜରତ ବିଲାଲ୍ ର:ଅ ଉଚ୍ଚ ସ୍ୱରରେ ପାଟିକରି କହିଲେ ଯେ ହେ ଅଲ୍ଲାଃଙ୍କ ସାହାଯ୍ୟକାରୀ ! ଇଏ ତ କାଫିର୍‌ଙ୍କ ସର୍ଦ୍ଦାର ଉମୈୟା ବିନ୍ ହଲ୍‌ଫ । ବହୁତ ବଡ଼ ପାଟିରେ ଚିତ୍କାର କରି ସେ କହୁଥାନ୍ତି ହେ ଅଲ୍ଲାଃଙ୍କ ସାହାଯ୍ୟକାରୀ ! ଇଏ କାଫିର୍‌ମାନଙ୍କ ସର୍ଦ୍ଦାର ଉମୈୟା ବିନ୍ ହଲ୍‌ଫ ଅଟନ୍ତି, ଯଦି ସେ ବଂଚିଯାଏ ତେବେ ଜାଣ ଯେ ମୁଁ ବଂଚିପାରିବି ନାହିଁ । ବାରମ୍ବାର ଏ କଥା କହୁଥିଲେ । ହଜରତ ଅବଦୁର୍ ରହମାନ କହୁଛନ୍ତି ଯେ ଏ ପାଟିଶୁଣି ଅନ୍‌ସାରୀମାନେ ଦଉଡ଼ି ଆସିଲେ ଓ ସେମାନେ ଆମକୁ ଚର୍ତୁପାର୍ଶ୍ୱରୁ ଘେରିଗଲେ । ପୁଣି ହଜରତ ବିଲାଲ୍ ର:ଅ ଉମୈୟାର ପୁଅ ଉପରେ ତରବାରୀ ଦ୍ୱାରା ଆକ୍ରମଣ କଲେ ଫଳତଃ ସେ ତଳେ ପଡ଼ିଗଲା । ଏ କଥା ଦେଖି ଉମୈୟା ଏପରି ଭୟରେ ଚିତ୍କାର କଲା ଯେ ମୁଁ କେବେଳ ଏମିତି ଚିତ୍କାର ଶୁଣିନାହିଁ । ତା'ପରେ ଅନ୍‌ସାରୀମାନେ ସେହି ଦୁଇ ଜଣଙ୍କୁ ତରବାରୀ ଦ୍ୱାରା କାଟି ପକାଇଲେ । *(ସିରତୁଲ୍ ହଲବିୟା କଣ୍ଡ-୨, ପୃ-୨୩୨,୨୩୩......ବେରୁତ ୨୦୦୨)*

ସହି ବୁଖାରୀରେ ଉମୈୟାଙ୍କୁ ହତଞ୍ଜା କରାଯିବାର ଘଟଣାଟି ଏପରି ବର୍ଣ୍ଣିତ ଅଛି ଯେ ହଜରତ ଅବୁଦର ରହମାନ୍ ବିନ୍ ଅଓଫ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ଉମୈୟା ବିନ୍ ହଲ୍‌ଫ୍‌କୁ ଚିଠି ଲେଖିଲି କି ସେ ମକ୍କାଠାରେ ମୋ ପରିବାର ଓ ମୋ ଧନ ସମ୍ପତିର ଦେଖାଶୁଣା କରିବେ, ମକ୍କା ସେ ସମୟରେ ଦାରୁଲ୍ ହରବ୍ (ଯୁଦ୍ଧକ୍ଷେତ୍ର) ଥିଲା । ମୁଁ ତାଙ୍କ ଧନ ସମ୍ପତି, ଯାହା ମଦିନାରେ ରହିଛି, ସେ ସବୁର ସୁରକ୍ଷା କରିବି । ଯେବେ ମୁଁ ମୋ ନାମ ''ଅବ୍‌ଦୁର୍ ରହ୍‌ମାନ୍'' ଲେଖିଲି, ଏଥିରେ ଉମୈୟା କହିଲା ଯେ ମୁଁ ଅବଦୁର୍ ରହ୍‌ମାନଙ୍କୁ ଜାଣିନାହିଁ । ତୁମେ ନିଜର ସେହି ନାମ ଲେଖ ଯାହା ଜାହିଲିୟତ ସମୟରେ ତୁମର ଥିଲା । ଏଥିରେ ମୁଁ ମୋ ନାମ ଅବ୍‌ଦେ ଉମର୍ ଲେଖିଲି । ଯେତେବେଳେ ମୁଁ ବଦର ଯୁଦ୍ଧରେ ଯୁଦ୍ଧ କରୁଥିଲି, ମୁଁ ଏକ ପାହାଡ଼ ଆଡ଼କୁ ବାହାରିଲି, ଯେବେ କି ଲୋକମାନେ ସେ ସମୟରେ ଶେଇଥିଲେ । ତେଣୁ ମୁଁ ସେହି ଲୋକମାନଙ୍କୁ ସୁରକ୍ଷା ଦେବାପାଇଁ ସେ ଆଡ଼କୁ ଗଲି କାରଣ ଜଣାନାହିଁ ଶତୃ କାଳେ ସେମାନଙ୍କ ଉପରେ ଆକ୍ରମଣ ନ କରିଦିଅନ୍ତୁ । ବିଲାଲ୍ ସେତେବେଳେ ଉମୈୟାକୁ ସେଠାରେ ଦେଖିନେଲା । ସେ ଅର୍ଥାତ ବିଲାଲ୍ ଯାଇ ଅନ୍‌ସାରମାନଙ୍କ ଏକ ମଜ୍‌ଲିସ୍‌ରେ ଛିଡ଼ା ହୋଇ କହିବାକୁ ଲାଗିଲେ ଯେ ଇଏ ହେଉଛି ଉମୈୟା ବିନ୍ ହଲ୍‌ଫ । ଯଦି ଇଏ ବଂଚିଗଲା ତେବେ ମୋର କଥା ଶେଷ (ଅର୍ଥାତ ମୋର ମୃତ୍ୟୁ ନିଶ୍ଚିତ) । ବେଲାଲ୍‌ଙ୍କ ସହିତ କିଛି ଲୋକ ଆମକୁ ଅନୁଶରଣ କଲେ ଅର୍ଥାତ ପଛେ ପଛେ ଆସିଲେ । ମୁଁ ଭୟ କଲି ଯେ ଏମାନେ ଆମକୁ ପାଇନଯା'ନ୍ତୁ । ହଜୁର କହୁଛନ୍ତି: ବୋଧ ହୁଏ ସେତେବେଳେ ହଜରତ ଅବଦୁର ରହମାନ୍ ଏବଂ ଉମୈୟାଙ୍କ ମଧ୍ୟରେ କଥା ବାର୍ତା ହୋଇଯାଇଥିଲା । ସେ ପୁଣି କହୁଛନ୍ତି ଯେ: ମୁଁ ତୁମକୁ ବଳି କରୁଛି । ତେଣୁ ମୁଁ ଉମୈୟାର ପୁଅକୁ ଓ ତାକୁ ଅର୍ଥାତ ଦୁଇ ଜଣଙ୍କୁ ଧରି ପକାଇଲି କିନ୍ତୁ ଯେବେ ଏହି ମୁସଲମାନମାନେ ଆକ୍ରମଣ କରିବା ପାଇଁ ହଜରତ ବିଲାଲଙ୍କ ସହିତ ଆସିଲେ, ସେତେବେଳେ ମୁଁ ଉମୈୟାର ପୁଅକୁ ସେଠାରେ ତାଙ୍କ ସହିତ ଯୁଦ୍ଧ କରିବାପାଇଁ ଛାଡ଼ି ଦେଲି ଯଦ୍ୱାରା ସେମାନେ ଯୁଦ୍ଧରେ ଲିପ୍ତ ରହିବେ ଓ ଆମେ ଖସି ପଳାଇଯିବୁ । ସୁତରାଂ ସେମାନେ ଉମୈୟାଙ୍କ ପୁଅକୁ ମାରି ତଳେ ପକାଇଦେଲେ । ତା ପରେ ସେମାନେ ଆମ ପଛେ ପଛେ ଆମକୁ ଅନୁଧାବନ କରି ଆସିଲେ । ମୋର ସେହି ଯୋଜନା କାମ ଦେଲା ନାହିଁ ଯେ ମୁଁ କିପରି ଉମୈୟାକୁ ବଂଚାଇଦେବି । ଉମୈୟା ଯେହେତୁ ବଡ଼ ମୋଟା ତାଜା ଲୋକ ଥିଲା ତେଣୁ ସେ ଶିଘ୍ର ଶିଘ୍ର ଅନ୍ୟ କେଉଁଆଡ଼େ ଯାଇ ପାରିଲା ନାହିଁ । ଶେଷରେ ଯେବେ ସେମାନେ ଆମକୁ ପାଇଗଲେ । ମୁଁ ଉମୈୟାକୁ କହିଲି ଯାଅ, ସେ ବସିପଡ଼ିଲା । ମୁଁ ନିଜକୁ ତା ଉପରେ ରଖିଦେଲି ଯଦ୍ୱାରା ମୁଁ ତାଙ୍କୁ ଆକ୍ରମଣରୁ ବଂଚାଇ ଦେବି । କିନ୍ତୁ ସେମାନେ ମୋ ଶରୀରର ତଳପଟୁ ତା ଶରୀରରେ ତରବାରୀ ପୁରାଇଦଲେ ଓ ତାକୁ ମାରିଦେଲେ । ସେମାନଙ୍କ ମଧ୍ୟରୁ ଜଣେ ନିଜ ତରବାରୀ ସାହାଯ୍ୟରେ ମୋ ଗୋଡ଼କୁ ମଧ୍ୟ ଆଘାତ ପହଂଚାଇ କ୍ଷତାକ୍ତ କରିଦେଲା । ରାୱି ଇବ୍ରାହିମ୍ କହୁଛନ୍ତି ଯେ ହଜରତ ଅବ୍‌ଦୁର୍ ରହମାନ୍ ବିନ୍ ଅଓଫ୍ ର:ଅ ଆମକୁ ନିଜ ଗୋଡ଼ର ପଛପଟେ ସେହି କ୍ଷତ ଚିହ୍ନକୁ ଦେଖାଇଥିଲେ ।

*(ସହି ବୁଖାରୀ........ହଦିସ୍ ୨୩୦୧)*

ଉମୈୟା ଓ ତା' ପୁଅକୁ କିଏ ହତ୍ୟା କଲେ ? ଏ ସମ୍ବନ୍ଧରେ ଏକଥା ପ୍ରସିଦ୍ଧ ରହିଛି ଯେ, ଉମୈୟାକୁ ଅନ୍‌ସାରଙ୍କ କବିଲା ବନୁ ମାଜିନ୍‌ର ଜଣେ ବ୍ୟକ୍ତି ହତ୍ୟା କରିଥିଲେ । ଯେବେ କି ଇବ୍‌ନେ ହୁଶାମ୍ କହୁଛନ୍ତି ଯେ, ଉମୈୟାକୁ ହଜରତ ମୁଆଜ୍ ବିନ୍ ଅଫ୍‌ରାଆ, ଖାରିଜା ବିନ୍ ଜୟଦ୍ ଏବଂ ଖୁବୈବ୍ ବିନ୍ ଇସାଫ୍ ମିଶି ହତ୍ୟା କରିଥିଲେ । ଯେଉଁ ସାହାବିଙ୍କର ଏଠାରେ ଚର୍ଚ୍ଚା କରାଯାଉଛି ସେ ମଧ୍ୟ ଏଥିରେ ସାମିଲ ଥିଲେ । ଏ କଥା ମଧ୍ୟ କୁହାଯାଏ ଯେ ହଜରତ ବିଲାଲ୍ ର:ଅ ତାଙ୍କୁ ହତ୍ୟା କରିଥିଲେ କିନ୍ତୁ ଅସଲ ସତ୍ୟ ହେଉଛି ଏହା କି, ସମସ୍ତ ସାହାବା ଉମୈୟଙ୍କୁ ହତ୍ୟା କରିବାରେ ମିଶିଥିଲେ ଏବଂ ଉମୈୟାଙ୍କ ପୁଅ ଅଲୀଙ୍କୁ ହଜରତ ବିଲାଲ୍ ର:ଅ ଆକ୍ରମଣ କରି ତଳେ ପକାଇଦେଇଥିଲେ ପରେ ତାଙ୍କୁ ହଜରତ ଅମାର୍ ବିନ୍ ୟାସିର୍ ର:ଅ ହତ୍ୟା କରିଥିଲେ *(ଶରହ ଜର୍‌କାନୀ.....ଖଣ୍ଡ-୨, ପୃ-୨୯୬........ବେରୁତ ୧୯୯୬)*

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahmadiyya, Kerang (Odisha)*

କିଛି ଘଟଣାବଳୀର ଯେଉଁ ବିବରଣୀ ରହିଛି ସେ ସବୁ ପ୍ରତ୍ୟେକ୍ଷରୂପେ ଏହି ସାହାବୀଙ୍କ ସହିତ ସମ୍ପର୍କ ନାହିଁ କିନ୍ତୁ ସେଥିରେ କିଛିଟା କଥା ମଧ୍ୟ ଉଲ୍ଲେଖ ରହିଛି କିନ୍ତୁ ମୁଁ ଏଥିପାଇଁ ଏହାର ଚର୍ଚ୍ଚା କରୁଅଛି ଯଦ୍ୱାରା ଆମକୁ ଇତିହାସର କିଛିଟା ଜ୍ଞାନ ମିଳିବ ।

ଖୁବୈବ୍ ବିନ୍ ଅବଦୁର୍ ରହ୍‌ମାନ୍ ବର୍ଣ୍ଣନା କରୁଛନ୍ତି ଯେ, ମୋ ଦାଦା (ଜେଜେ) ହଜରତ ଖୁବୈବ୍ ର:ଅଙ୍କୁ ବଦର ଯୁଦ୍ଧ ଦିନ ଗୋଟିଏ ଆଘାତ ପହଂଚିଥିଲା ସେଥିରେ ତାଙ୍କର ପିଞ୍ଜରା ହାଡ଼ ଭାଙ୍ଗିଯାଇଥିଲା । ଏଥିରେ ରସୁଲୁଲ୍ଲାଃ ସ:ଆ:ସ ସେହି ଭାଙ୍ଗି ଯାଇଥିବା ସ୍ଥାନରେ ନିଜର ପବିତ୍ର ଲାଳକୁ ଲଗାଇଲେ ଓ ତାକୁ ଯଥା ସ୍ଥାନରେ ରଖି ଠିକ୍ କରିଦେଲେ ଯାହା ଫଳରେ ହଜରତ ଖୁବୈବ୍ ର:ଅ ଚାଲିବାକୁ ସକ୍ଷମ ହେଲେ ।

ଆଉ ଗୋଟିଏ ରିଓ୍ୱାୟତରେ ଏ କଥା ଉଲ୍ଲେଖ ରହିଛି ଯେ, ହଜରତ ଖୁବୈବ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଗୋଟିଏ ଯୁଦ୍ଧ ସମୟରେ ମୋ କାନ୍ଧରେ ବହୁତ ବଡ଼ ଗଭୀର ଆଘାତ ଲାଗିଥିଲା ଓ ତାହା ମୋ ପେଟ ପର୍ଯ୍ୟନ୍ତ ପହଂଚିଗଲା ଫଳତଃ ମୋ ହାତଟି ଲଟକି ଗଲା । ପୁଣି ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହେଲି ତେବେ ଆଁ ହଜରତ ସ:ଆ:ସ ସେହି ସ୍ଥାନରେ ନିଜର ପବିତ୍ର ଲାଳକୁ ଲଗାଇଲେ ଓ ତା'କୁ ଛାଡ଼ିଦେଲେ ଫଳତଃ ସେ ସମ୍ପୁର୍ଣ୍ଣରୂପେ ଠିକ୍ ହୋଇଗଲା ଓ ମୋ କ୍ଷତ ମଧ୍ୟ ଠିକ୍ ହୋଇଗଲା ।

*(ଉସଦୁଲ୍ ଗାବାଃ......ଖଣ୍ଡ-୩, ପୃ-୧୫୨, ଖୁବୈବ୍ ବିନ୍ ଇସାଫ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୮) (ଅଲ୍‌ବିଦାୟା......ଲେ ଇବ୍‌ନେ କସିର୍ ଖଣ୍ଡ-୩, ଭାଗ-୬, ପୃ-୧୬୬, ୧୬୭ ଏଗାର ହିଜ୍‌ରୀ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୧)*

ମୃତ୍ୟୁ ସମ୍ବନ୍ଧରେ ଗୋଟିଏ କଥନ ହିସାବରେ ଏ କଥା ଉଲ୍ଲେଖ ରହିଛି ଯେ, ହଜରତ ଖୁବୈବ୍ ର:ଅଙ୍କ ଦେହାନ୍ତ ହଜରତ ଉମର୍ ର:ଅଙ୍କ ଖିଲାଫତ୍ ସମୟରେ ହୋଇଥିଲା । ଯେବେ କି, ଅନ୍ୟ ଏକ ରିଓ୍ୱାୟତ୍‌ରେ ତାଙ୍କର ଦେହାନ୍ତ ହଜରତ ଉସ୍‌ମାନ ର:ଅଙ୍କ ଖିଲାଫତ୍ ସମୟରେ ହୋଇଥିଲା ବୋଲି ଉଲ୍ଲେଖ ରହିଛି । *(ଅଲ୍‌ଅସାବାଃ ଫି ତମିଜି ସାହାବା ଖଣ୍ଡ-୨, ପୃ-୨୨୪ ବେରୁତ ୨୦୦୫) (ତବ୍‌କାତୁଲ କୁବ୍‌ରାଃ ଖଣ୍ଡ-୩, ପୃ-୨୭୬.......ବେରୁତ ଲେବ୍‌ନାନ୍ ୧୯୯୬)*

ହଜୁର ଅନଓ୍ୱର ଅ:ବ:ଅ କହିଲେ ସେ ଯାହା ବି ହେଉ ଅଲ୍ଲାଃ ତାଲ ଉକ୍ତ ସାହାବୀମାନଙ୍କର ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରିଚାଲନ୍ତୁ ।

ଏବେ ମୁଁ ତିନିଜଣ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ବିଷୟରେ ଏଠାରେ ଚର୍ଚ୍ଚା କରିବି ଓ ସେମାନଙ୍କ ନମାଜ ଯନାଜାଃ ମଧ୍ୟ ନମାଜ ପାଠପରେ ପଢ଼ାଇବି । ସେମାନଙ୍କ ମଧ୍ୟରୁ ସର୍ବପ୍ରଥମେ ଯେଉଁ ବ୍ୟକ୍ତିଙ୍କର ଏଠାରେ ଚର୍ଚ୍ଚା କରାଯିବ ସେ ହେଉଛନ୍ତି ମୁହତରମା ରଶିଦା ବେଗମ୍ ସାହିବା ପତ୍ନୀ ମୁକରମ୍ ସୟଦ ମୁହମ୍ମଦ୍ ସରଓ୍ୱର୍ ସାହେବ ରବୁଓ୍ୱା ନିବସୀ ଯିଏ ୨୪ ଅଗଷ୍ଟ ଦିନ ୭୪ ବର୍ଷ ବୟସରେ ଈଶ୍ୱରଙ୍କ ନିୟତି ଅନୁଯାୟୀ ମୃତ୍ୟୁବରଣ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* ତାଙ୍କ ବାପା ଗୋସେଂଇ ବାପା ଚାରକୋଟ କାଶ୍ମୀର ପ୍ରଦେଶରୁ ହିଜ୍‌ରତ କରି ପାକିସ୍ତାନ ଆସିଯାଇଥିଲେ ଏବଂ ତାଙ୍କ ବାପା ମୁହତରମ୍ ଦୀନ୍ ମୁହମ୍ମଦ ସାହେବ ରେଳବାଇରେ ଚାକିରୀ କରିଥିଲେ । ଯେତେବେଳେ ତାଙ୍କର ବୟସ ପାଂଚ ବର୍ଷ ଥିଲା ସେତେବେଳେ ସେ ଦେହତ୍ୟାଗ କରିଥିଲେ । ତା'ପରେ ତାଙ୍କ ମାଆ ମୋହତରମା ଏକୁଟିଆ ବହୁତ ପରିଶ୍ରମ କରି ନିଜର ପିଲାମାନଙ୍କୁ ପାଳନପୋଷଣ କଲେ । ମରହୁମାଙ୍କର କୁଟୁମ୍ବରେ ଅହେମଦୀୟତର ଚାରା ରୋପଣ ତାଙ୍କ ଜେଜେ ମୁକରମ୍ ଫତହ ମୁହମ୍ମଦ ସାହେବଙ୍କ ଜରିଆରେ ହୋଇଥିଲା ଯିଏ କାଦିୟାନରେ ଯାଇ ହଜରତ ମସିହ ମଉଦ ଆ:ସଙ୍କ ସାହାବୀ ହଜରତ କାଜି ମୁହମ୍ମଦ ଅକବର ସାହେବ ର:ଅଙ୍କ ଜରିଆରେ ବୟତ କରିବାର ସୌଭାଗ୍ୟ ପାଇଥିଲେ । କାଜି ସାହେବ ୧୮୯୪ ମସିହାରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ଏକାଠି ହେବାର ନିଦର୍ଶନକୁ ଦେଖି ନିଜ ଇଲାକାରେ ଓ କୁଟମ୍ବର ଲୋକମାନଙ୍କୁ ବତାଇ ଦେଇଥିଲେ ଯେ, ଏହି ନିଦର୍ଶନରୁ ଜଣାପଡ଼ିଲା ଯେ, ଇମାମ୍ ମେହେଦୀ ଆ:ସଙ୍କର ପ୍ରକାଶ ହୋଇସାରିଛି । ହଜରତ କାଜି ମୁହମ୍ମଦ ଅକବର ସାହେବଙ୍କ ସହିତ ଏହି କୁଟୁମ୍ବର ବହୁତ ସମୟରୁ ସୁସମ୍ପର୍କ ଥିଲା ଏବଂ ତା ସହିତ ବନ୍ଧୁତ୍ୱର ବନ୍ଧନ ମଧ୍ୟ ଥିଲା । ଏହି ଦୃଷ୍ଟିକୋଣରୁ ପୁଣି ତାଙ୍କ ମାଧ୍ୟମ ଦ୍ୱାରା ସେମାନଙ୍କ ପର୍ଯ୍ୟନ୍ତ ଅହେମଦିୟତର ବାର୍ତା ମଧ୍ୟ ପହଂଚିଲା ଏବଂ ବୟତ ମଧ୍ୟ ହେଲା । ତାଙ୍କର ଜଣେ ପୁତ୍ର ହେଉଛନ୍ତି ମୁହମ୍ମଦ ଜକରୀୟା ସାହେବ ଯିଏ ଲାଇବେରିୟାରେ ମୁବଲିଗ୍ ଅଛନ୍ତି, ସେ କହୁଛନ୍ତି ଯେ, ମୋ ମାଆ ନିୟମିତ ଚାନ୍ଦା ଦେଉଥିଲେ ଓ ଏଥିପ୍ରତି ବହୁତ ଚିନ୍ତା ରହୁଥିଲା ତେଣୁ ସେ ପଚାରୁଥିଲେ ଯେ, ମୋ ଚାନ୍ଦା ପଇଠ ହୋଇସାରିଲାଣି କି ନୁହେଁ ଏବଂ ପୁଣି ଏତଦ୍ ବ୍ୟତିତ ସେ ପିଲାମାନଙ୍କର ତରବିୟତ କ୍ଷେତ୍ରରେ ମଧ୍ୟ ବହୁତ ଚିନ୍ତା କରୁଥିଲେ, ବହୁତ ଧ୍ୟାନ ଆକର୍ଷଣ କରୁଥିଲେ । ପିଲାମାନଙ୍କୁ ଅନାବଶ୍ୟକ ଘରୁ ବାହାରକୁ ବାହାରିବାକୁ ଦେଉନଥିଲେ କାରଣ ଏହା ଦ୍ୱାରା ପିଲାମାନେ ଖରାପ ଅଭ୍ୟାସରେ ନ ପଡ଼ିଯାଆନ୍ତୁ ଅଥବା ବାହାରକୁ ଯାଇ କୌଣସି ଖରାପ ଅଭ୍ୟାସ ଶିଖି ନ ଯାଆନ୍ତୁ । ସେ କହୁଛନ୍ତି ଯେ ଯେତେବେଳେ ପିଲାଦିନେ ବାପା ଆମ ଭାଇମାନଙ୍କୁ ମସଜିଦ୍‌ରେ ଯାଇ ସାମୁହିକ ନମାଜ ପାଠ କରିବାପାଇଁ କହୁଥିଲେ ଏବଂ ବିଶେଷ ରୂପେ ଫଜର୍ ନମାଜ ପାଠ କରିବା ନିମନ୍ତେ ଆମକୁ ଜଗାଉଥିଲେ ଏପରି ସ୍ଥଳେ ମାଆ ପିଲାମାନଙ୍କୁ ମସଜିଦ୍ ପଠାଇବା ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରିଥାନ୍ତି । ଯେ ପର୍ଯ୍ୟନ୍ତ ଆମେ ମସ୍‌ଜିଦ୍ ନ ଯାଇଛୁ ସେ ପର୍ଯ୍ୟନ୍ତ ସେ ଆରାମରେ ବସିପାରୁନଥିଲେ । ଖିଲାଫତ୍ ସହିତ ବହୁତ ପ୍ରେମ, ଭକ୍ତି ଏବଂ ସ୍ନେହର ସମ୍ପର୍କ ଥିଲା । ବହୁତ ଧ୍ୟାନର ସହିତ ଖୁତ୍‌ବା ଶୁଣୁଥିଲେ ସେଥିରେ ନୋଟ୍‌ସ ବାହାର କରୁଥିଲେ, ପଏଂଟ ବାହାର କରୁଥିଲେ ଓ ପୁଣି ସେ ସବୁକୁ ନିଜ ପିଲାମାନଙ୍କ ସହିତ ଡ଼ିସ୍‌କସ୍ କରୁଥିଲେ । ପୁଣି ମରହୁମାଙ୍କ ବଡ଼ ଝିଅ ବତାଉଛନ୍ତି ଯେ, ଶେଷ ସମୟରେ ମଧ୍ୟ ନାମଜ ପଢ଼ିବା ପ୍ରତି ବହୁତ ଧ୍ୟାନଥିଲା ବହୁତ ଲମ୍ବ ନମାଜ ସେ ପଢ଼ିଲେ । କେବେ ଏ କଥା ଅନୁଭବ କରାଇନାହାନ୍ତି । ନମାଜ ପାଠ କରିବା ପରେ ତତ୍‌କ୍ଷଣାତ୍ ତାଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଗଲା ତେଣୁ ତାଙ୍କୁ ଡ଼ାକ୍ତରଖାନା ନିଆଗଲା କିନ୍ତୁ ହୃଦଘାତ ଯୋଗୁଁ ହୃଦୟର ସ୍ପନ୍ଦନ ବନ୍ଦ ହୋଇଯିବା ଯୋଗୁଁ ସେ ମୃତ୍ୟୁବରଣ କଲେ । ଅଲ୍ଲାଃଙ୍କ କୃପାରୁ ୧/୮ ଅଶଂର ସେ ମୁସି ଥିଲେ । ତାଙ୍କର ପାଂଚଜଣ ପୁଅଙ୍କୁ ଓ୍ୱାକିଫିନେ ଜିନ୍ଦଗି ରୂପେ ଦୀନ୍‌ର ସେବା କାର୍ଯ୍ୟ କରିବା ପାଇଁ ଅବସର ମିଳୁଅଛି । ଦୁଇଜଣ ପୁଅ ମୁହମ୍ମଦ ମୁହସିନ୍ ତବଶୁମ୍ ଏବଂ ମୁହମ୍ମଦ ମୁମିନ୍ ସାହେବ ଓ୍ୱକଫେ ଜଦିଦ୍ ରବୁଓ୍ୱାରେ ମୁଅଲିମ୍ ରୁପେ ସେବା କରିବାର ସୌଭାଗ୍ୟ ପାଉଛନ୍ତି । ଆଉ ଦୁଇଜଣ ପୁତ୍ର ଦାଉଦ୍ ଜଫର୍ ସାହେବ ଏବଂ ଜକରିଆ ସାହେବ ମୁରବୀ ସିଲ୍‌ସିଲା ଅଛନ୍ତି ଏବଂ ଆଉ ଜଣେ ପୁତ୍ର ଓ୍ୱକ୍‌ଫେନୌରେ ସାମିଲ ଅଛନ୍ତି । ସେ ଖିଲାଫତ୍ ଲାଇବ୍ରେରୀରେ କମ୍ପ୍ୟୁଟର ବିଭାଗରେ କାର୍ଯ୍ୟ କରୁଛନ୍ତି । ମୁହମ୍ମଦ ଜକରିଆ ସାହେବ ବର୍ତମାନ ଲାଇବେରିୟାରେ ମୁବଲିଗ୍ ରୂପେ କାର୍ଯ୍ୟରତ ଯାହା ମୁଁ ବତାଇ ସାରିଛି ଏବଂ ତାଙ୍କ ମାଆଙ୍କ ଦେହାନ୍ତରେ ସେ ଯନାଜାଃରେ ଯାଇପାରିନାହାନ୍ତି । ସେ ଅତ୍ୟନ୍ତ ଧୈର୍ଯ୍ୟର ନମୁନା ଦେଖାଇଲେ ଓ ବିଦେଶରେ ଥାଇ ନିୟମିତ କାର୍ଯ୍ୟକୁ ସମ୍ପାଦନ କରୁଥିଲେ ଓ କୌଣସି ପ୍ରକାର ଏମିତି କଥା ତାଙ୍କ ଠାରୁ ପ୍ରକାଶ ହୋଇନାହିଁ ଯେ, ମୁଁ କାମ କରିବିନାହିଁ ଓ ସେ ଯାଇପାରିଲେ ନାହିଁ । ଅଲ୍ଲାଃ ତାଲା ତାଙ୍କୁ ପିଲାମାନଙ୍କୁ ମଧ୍ୟ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ବିଶେଷ ରୂପେ ଏହି ପୁଅଙ୍କୁ ଯିଏ ଲାଇବେରିୟାରେ ମୁବ୍‌ଲିଗ୍ ଅଛନ୍ତି ଓ ମୃତ୍ୟୁ ସମୟରେ ତାଙ୍କ ମାଆଙ୍କ ସହିତ ମିଳିପାରିନାହାନ୍ତି ସେହିପରି ଅଲ୍ଲାଃ ତାଲା ତାଙ୍କର ସବୁ ପିଲାମାନଙ୍କୁ ତାଙ୍କ ମାଆଙ୍କର ପୂର୍ଣ୍ଣକାର୍ଯ୍ୟକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ତାଙ୍କ ମାଆଙ୍କ ପଦମର୍ଯ୍ୟାଦାକୁ ଉଚ୍ଚତର କରନ୍ତୁ ।

ଦ୍ୱିତୀୟ ଯନାଜାଃ ଟି ହେଉଛି ମହତରମ୍ ମୁହମ୍ମଦ ଶମଶିର୍ ଖାନ୍ ସାହେବ ଯିଏ ନାନ୍ଦିଫିଜିର ସଦର ଯମାତ୍ ଥିଲେ । ତାଙ୍କର ମଧ୍ୟ ୫ ସେପ୍ଟେମ୍ବର ଦିନ ଦେହାନ୍ତ ହୋଇଛି *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ୧୯୫୨ ମସିହା ତାଙ୍କର ଜନ୍ମ ହୋଇଥିଲା ଓ ୧୯୬୨ ମସିହାରେ ନିଜ ବାପାଙ୍କ ସହିତ ଲାହୁରି ଯମାତ୍‌ରୁ ବୟତ କରି ଏ ଯମାତ୍‌ରେ ସାମିଲ ହୋଇଥିଲେ । ପ୍ରଥମେ ଏମାନେ ପୈଗାମି ଥିଲେ । ଫିଜି ଦେଶରେ ପୈଗାମି ବା ଲାହୁରି ଯମାତ୍‌ର ବହୁତ ଲୋକ ବସବାସ କରୁଛନ୍ତି । ସେ ଯାହା ହେଉ ସେ ନିଜ ବାପାଙ୍କ ସହିତ ବୟତ କଲେ । ୧୯୬୨ ମସିହାରେ ଅହେମଦୀ ହେଲେ ଓ ବୟତ କରିବା ପରେ ସେ ଖିଲାଫତର ବୟତ ମଧ୍ୟ କଲେ । ଏହିପରି ସେ ଫିଜି ଯମାତ୍‌ର ପ୍ରାରମ୍ଭିକ ସଦସ୍ୟଙ୍କ ମଧ୍ୟରେ ଥିଲେ । ଅଲ୍ଲାଃ ତାଲାଙ୍କ କୃପାବଳରୁ ସେ ବହୁତ ଲମ୍ବା ସମୟ ପର୍ଯ୍ୟନ୍ତ ଯମାତ୍‌ର ସେବା କରିବାର ସୌଭାଗ୍ୟ ପାଇଛନ୍ତି । ଯମାତ୍ ଅହେମଦୀୟା ମାରୁ, ସୁଓ୍ୱା, ନାନ୍ଦି ଏବଂ ଲଟୋକାରେ ମସ୍‌ଜିଦ୍ ନିର୍ମାଣ କରିବାରେ ତାଙ୍କର ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୁମିକା ଥିଲା । ୨୦୧୦ରୁ ମୃତ୍ୟୁ ପର୍ଯ୍ୟନ୍ତ ଯମାତ୍ ଅହେମଦୀୟା ନାନ୍ଦୀର ସଦର ରୂପେ କାର୍ଯ୍ୟ କରିବାର ସୌଭାଗ୍ୟ ପାଇଛନ୍ତି । ଓ ବହୁଦିନ ପର୍ଯ୍ୟନ୍ତ ନ୍ୟାସନାଲ ସେକ୍ରେଟାରୀ ଇଶାଅତ୍ ରୂପେ ଖିଦ୍‌ମଦ୍ କରିଛନ୍ତି । ସାଂସାରିକ ଦୃଷ୍ଟିକୋଣରୁ ମଧ୍ୟ ତାଙ୍କୁ ଅଲ୍ଲାଃ ତାଲାଙ୍କ କୃପାରୁ ବହୁତ ମାନସମ୍ମାନ ମିଳିଥିଲା କିନ୍ତୁ ଯମାତି କାର୍ଯ୍ୟକୁ ପ୍ରତ୍ୟେକ କାର୍ଯ୍ୟ ଉପରେ ଅଗ୍ରାଧିକାର ଦେଉଥିଲେ । ସଦର ଯମାତ୍ ଓ ନ୍ୟାସନାଲ ସେକ୍ରେଟରୀ ଇଶାଅତ୍ ବ୍ୟତିତ ସେ ଅହେମଦୀୟା ମୁସଲିମ୍ ପ୍ରାଇମେରୀ ସ୍କୁଲ୍ ଲଟୁକା ର ମ୍ୟାନେଜର ମଧ୍ୟ ଥିଲେ । ଅତ୍ୟନ୍ତ ନିଷ୍ଠାବାନ ଖିଲାଫତର ପ୍ରେମୀ ଏବଂ ଅତ୍ୟନ୍ତ ଆଜ୍ଞାନୁର୍ବତିତା ମନୁଷ୍ୟ ଥିଲେ । ତାଙ୍କ ଅନ୍ତେ ତାଙ୍କର ସ୍ତ୍ରୀ ରାଜିୟା ଖାନ୍ ସାହିବା ଏବଂ ଜଣେ ଝିଅ ନାଦିଆ ନଫିସା ସାମିଲ ଅଛନ୍ତି । ଅଲ୍ଲାଃ ତାଲା ମର୍‌ହୁମ୍‌ଙ୍କ ସହିତ ଦୟା ଓ କରୁଣାର ବ୍ୟବହାର କରନ୍ତୁ । ତାଙ୍କର ପିଲାମାନଙ୍କୁ ମଧ୍ୟ ତାଙ୍କ ପୂର୍ଣ୍ଣକାର୍ଯ୍ୟକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ତୃତୀୟ ଯନାଜାଃ ହେଉଛି ମୁକରମା ଫାତିମା ମୁହମ୍ମଦ ମସ୍ତଫା ସାହିବା କୁର୍ଦୁସ୍ତାନ ନିବାସୀଙ୍କର ଯିଏ ବର୍ତମାନ ନରଓ୍ୱେରେ ଥିଲେ ତାଙ୍କର ଦେହାନ୍ତ ୧୩ ଜୁନ୍ ଦିନ ହୋଇଥିଲା କିନ୍ତୁ ତାଙ୍କ ସମ୍ବନ୍ଧରେ ବିବରଣୀ ଟିକେ ବିଳମ୍ବରେ ପହଂଚିଛି ସେଥିପାଇଁ ବିଳମ୍ବରେ ଯନାଜାଃ ପଢ଼ାଯାଉଛି । ତାଙ୍କର ମୃତ୍ୟୁବେଳକୁ ତାଙ୍କୁ ୮୮ ବର୍ଷ ହୋଇଥିଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* ସେ ୨୦୧୪ ମସିହାରେ ବୟତ କରିଥିଲେ ତାଙ୍କ ଅନ୍ତେ ତାଙ୍କର ତିନିଜଣ ଝିଅ ଓ ପାଂଚ ଜଣ ପୁଅ ଅଛନ୍ତି ସେମାନଙ୍କ ମଧ୍ୟରୁ ଜଣେ ଝିଅ ମୁକ୍‌ରମା ବେରିଫାନ୍ ମୁହମ୍ମଦ ସଇଦ ସାହିବା ହେଉଛନ୍ତି ଅହେମଦୀ ଓ ବର୍ତମାନ ସେ ନରଓ୍ୱେରେ ରହୁଛନ୍ତି । ଏହି ଝିଅ ଜଣକ କହୁଛନ୍ତି ଯେ ମୁଁ ୧୯୯୯ ମସିହାରେ ନରଓ୍ୱେ ଆସିଲି ଯେଉଁଠି ମତେ ବହୁ ମାତ୍ରାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା । ତେଣୁ ମୋ ମାଆ ମୋତେ ସାହାଯ୍ୟ କରିବା ପାଇଁ କୁର୍ଦୁସ୍ତାନରୁ ନରଓ୍ୱେ ଚାଲିଆସିଲେ । ମୋ ମାଆ ଯଦିଚ ଅଶିକ୍ଷିତ ଥିଲେ କିନ୍ତୁ ସେ ପବିତ୍ର କୋରାନ୍‌ର ବହୁତ ଗୁଡ଼ିଏ ଆୟତ ଏବଂ ସେହିପରି ବହୁତ ଗୁଡିଏ ହଦୀସ୍ ମନେ ରଖିଥିଲେ । ପଢ଼ିବା ଓ ଲେଖିବା ପାଇଁ ଏତେ ମାତ୍ରାରେ ସୌକି ଥିଲା ଯେ, ଚାଳିଶି ବର୍ଷ ବୟସ ପାର ହେବା ସତ୍ୱେ ମଧ୍ୟ ସେ ବହୁତ ପରିଶ୍ରମ କରି ପଢ଼ିବା ଓ ଲେଖିବା ଶିଖିଲେ । ତାଙ୍କ ଜୀବନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା ସେ ନମାଜକୁ ତା'ର ଯଥା ସମୟରେ ହିଁ ପାଠ କରୁଥିଲେ ସେହିପରି ସେ ବହୁ ମାତ୍ରାରେ ରୋଜା ମଧ୍ୟ ରଖୁଥିଲେ । ସେ ଅଧିକାଂଶ ସମୟ ଏ କଥା କହୁଥିଲେ ଯେ, ମୁଁ ଏପରି ଲୋକମାନଙ୍କ ନାମରେ ରୋଜା ରଖୁଛି ଯେଉଁମାନେ ରୋଜା ରଖିବାର ସକ୍ଷମ ନୁହନ୍ତି । ଅନ୍ୟମାନଙ୍କୁ ସାହାଯ୍ୟ କରିବାର ଇଛା ଏତେ ମାତ୍ରାରେ ଥିଲା ଯେ, ଇରାକରେ ବେଳେବେଳେ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ନହେଉ କି ଆପଣ ନା କେବେ ଖୁଦାମୁଲ୍ ଅହେମଦୀୟାର କ୍ଲାସ୍‌ରେ ଯୋଗ ଦେଇଥିବେ ଓ ନା କେବେ କୌଣସି ଅନ୍ୟ ତର୍‌ବିୟତି୍ ପ୍ରୋଗ୍ରାମ୍ ଗୁଡିକରେ ଭାଗ ନେଇଥିବେ । ଏହିପରି ଅବସ୍ଥାରେ ଦିନେ ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଡକାଇ କହିବେ ଯେ ଆପଣଙ୍କୁ ଅମୁକ ବିଭାଗର ମୋହତ୍‌ମିମ୍ ରୂପେ ଦାୟିତ୍ୱ ଦିଆଯାଉଛି । ଯେପର୍ଯ୍ୟନ୍ତ ଆପଣ ତୃଣମୂଳ ସ୍ତରରେ ନିଜେ ନିଜର ଟ୍ରେନିଂ ନ କରିଛନ୍ତି ସେପର୍ଯ୍ୟନ୍ତ ଆପଣଙ୍କୁ ସେହି ଟ୍ରେନିଂର ଲାଭ ବିଷୟରେ ଜ୍ଞାନ ମିଳିପାରିବ ନାହିଁ । ସେଇଥିପାଇଁ ସେହି ଟ୍ରେନିଂର ଶୁଭାରମ୍ଭ ଅତ୍ୟନ୍ତ ମୂଳସ୍ତରରୁ କରନ୍ତୁ ।

ଆଉଜଣେ ଆମେଲାର ମେମ୍ବର୍ କହିଲେ ଯେ ସ୍ଥାନୀୟ ମଜ୍‌ଲିସ୍ ଗୁଡିକରେ ପ୍ରତ୍ୟେକ ମାସରେ ଗୋଟିଏ ସାଧାରଣ ଇଜ୍‌ଲାସ୍ ଅନୁଷ୍ଠିତ ହେଉଅଛି । କ'ଣ ଆମକୁ ଅର୍ଥାତ୍ ଲୋକାଲ୍ ଆମେଲାରେ ମଧ୍ୟ ଗୋଟିଏ ମାସିକ ମିଟିଙ୍ଗ୍ କରିବା ଉଚିତ୍ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେତେବେଳେ ମୁଁ ନିଜ ହଲ୍‌କାର ଜଇମ୍ ଥିଲି, ରବ୍‌ୱାରେ କାଏଦ୍ ହୁଅନ୍ତି ନାହିଁ ବରଂ ଜଇମ୍‌ମାନେ ଥାଆନ୍ତି ଏବଂ ମୋହତମିମ୍ ମକାମିର ଆମେଲାରେ ନାଜିମ୍‌ମାନେ ଥାଆନ୍ତି । ସେଥିଯୋଗୁ ଜଇମ୍‌ମାନଙ୍କର ମୋହତମିମ୍ ମକାମିଙ୍କ ସହିତ ମିଟିଙ୍ଗ୍ ହୋଇଥାଏ ଓ ଏବେ ମଧ୍ୟ ହେଉଅଛି । ଯଥା ସମ୍ଭବ ଓ ଅବସ୍ଥା ଅନୁସାରେ ମିଟିଙ୍ଗ୍ ଗୁଡିକ ମଧ୍ୟ ଅନୁଷ୍ଠିତ ହୋଇଥାଏ । ରବ୍‌ୱା ହେଉଛି ଗୋଟିଏ ଛୋଟିଆ ସହର, ଯେଉଁଠି ୪୫ ରୁ ୫୦ ଅହେମଦୀ ବସବାସ କରିଥାନ୍ତି । ଖୁଦାମୁଲ୍ ଅହେମଦୀୟାର ସଂଖ୍ୟା ୧୨ରୁ୧୩ ହଜାର ହେବ । ୭୦ଟି ମଜ୍‌ଲିସ୍ ଅଛି ଓ ପ୍ରତ୍ୟେକ ମଜ୍‌ଲିସ୍‌ର ନିଜର ଜଇମ୍ ଥାଆନ୍ତି । ସେମାନଙ୍କର ନିଜର ଆମେଲା ରହିଥାଏ ଓ ତାଙ୍କ ଆମେଲାର ପ୍ରତ୍ୟେକ ମାସ ମିଟିଙ୍ଗ୍ ହୋଇଥାଏ । ମୋହତମିମ୍ ମକାମି ଜଇମ୍‌ମାନଙ୍କ ସହିତ ଅଲଗା ଅଲଗା ମିଟିଙ୍ଗ୍ କରିଥାନ୍ତି । ସେହିପରି ନାଜିମ୍ ମାନଙ୍କ ସହିତ ଅଲଗା ଅଲଗା ମିଟିଙ୍ଗ୍ କରିଥାନ୍ତି । ପୁଣି ଆଉ ଗୋଟିଏ ମିଟିଙ୍ଗ୍ ସାମୂହିକ ଭାବେ ମଧ୍ୟ ହୋଇଥାଏ । ତେଣୁ ତୃଣମୂଳ ସ୍ତରରେ ଯିଏ କାଏଦ୍ ଅଛନ୍ତି ବା ଜଇମ୍ ଅଛନ୍ତି ସେମାନେ ମାସକରେ ଦୁଇଥର ମୋହତମିମ୍ ମକାମିଙ୍କ ସହିତ ମିଟିଙ୍ଗ୍ କରିଥାନ୍ତି । (ହଜୁର୍ ଅନୁଓ୍ୱର୍ ଅ:ବ:ଅ କହୁଛନ୍ତି) ବର୍ତମାନ ମୁଁ ଜାଣିନାହିଁ ଯେ ଏବେ କଣ କାର୍ଯ୍ୟ ପନ୍ଥା ରହିଛି । କିନ୍ତୁ ଯେତେବେଳେ ମୁଁ ଜଣେ ଜଇମ୍ ଓ ନାଜିମ୍ ରୂପେ କାର୍ଯ୍ୟ କରୁଥିଲି ସେତେବେଳେ ଏହି କାର୍ଯ୍ୟଶୈଳୀ ଥିଲା । ତେଣୁ ନାଜିମ୍ ମାନଙ୍କୁ ଓ କାଏଦ୍ ମାନଙ୍କୁ ଉଚିତ୍ ହେବ ଯେ ସେମାନେ ମାସକରେ ଅତି କମ୍‌ରେ ଥରେ ନିଶ୍ଚିତ ରୂପେ ମିଟିଙ୍ଗ୍ କରନ୍ତୁ । ସେହିପରି ମୋହତମିମିନ୍ ମାନଙ୍କୁ ମଧ୍ୟ ଏହା ଉଚିତ୍ ଯେ ସେମାନେ ମଧ୍ୟ ମାସକରେ ଥରେ ନିଶ୍ଚିତ ରୂପେ ମିଟିଙ୍ଗ୍ କରନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ସଦର୍ ମଜ୍‌ଲିସ୍ କହିଲେ ଯେ ଆମ୍‌ଲାର କନ୍‌ଫରେନ୍‌ସ୍ କଲ୍ ମାଧ୍ୟମ ଦ୍ୱାରା ପ୍ରତ୍ୟେକ ମାସ ଗୋଟିଏ ମିଟିଙ୍ଗ୍ ଅନୁଷ୍ଠିତ ହେଉଅଛି । ଯେବେ କି ତିନିମାସରେ ଗୋଟିଏ ମିଟିଙ୍ଗ୍ ଏପରି ଅନୁଷ୍ଠିତ ହୋଇଥାଏ ଯେଉଁଠି ସବୁ ମୋହତମିମ୍‌ମାନେ ଉପସ୍ଥିତ ରହିଥାନ୍ତି । ସ୍ଥାନୀୟ ସ୍ତରରେ ମଧ୍ୟ ସ୍ଥାନୀୟ ଆମେଲାର ମିଟିଙ୍ଗ୍ ପ୍ରତ୍ୟେକ ମାସ ଅନୁଷ୍ଠିତ ହୋଇଥାଏ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯାହାହେଉ ପ୍ରତ୍ୟେକ ତିନିମାସ ପରେ କୌଣସି ଏକ ସ୍ଥାନରେ ମିଟିଙ୍ଗ୍ ହେଉ ଯେଉଁଥିରେ ସବୁ ଆମ୍‌ଲାର ସଦସ୍ୟମାନେ, ନାଏବ୍ ସଦର୍‌ମାନେ ଏବଂ ମାଉନ୍ (ସହଯୋଗୀ) ସଦର୍‌ମାନେ ଉପସ୍ଥିତ ରହନ୍ତି ।

ଆଉଜଣେ ଖାଦିମ୍ କହିଲେ ଯେ ଖୁଦାମ୍ ମାନଙ୍କ ମଧ୍ୟରେ ଜମାତ୍ ସମ୍ବନ୍ଧୀୟ ଜ୍ଞାନ ବହୁତ କମ୍ ରହିଛି । ସେଇଥିପାଇଁ ସେମାନେ ତବ୍‌ଲିଗ୍ କରିପାରୁନାହାଁନ୍ତି । ଖୁଦାମ୍‌ମାନଙ୍କୁ ଶିଖାଇବା ପାଇଁ ସର୍ବୋତମ ମାର୍ଗ କଣ, ଫଳତଃ ସେମାନେ ତବ୍‌ଲିଗ୍ କରିପାରିବେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଇଂଟର୍‌ନେଟ୍‌ରେ ଉପଲବ୍ଧ ଖଲିଫାମାନଙ୍କ ପ୍ରଶ୍ନୋତର ମଜ୍‌ଲିସ୍ ବହୁ ସଂଖ୍ୟାରେ ମିଳିଯାଉଛି । ସେହିପରି କେତେକ ମୁରବୀମାନେ ଓ ଜମାତ୍‌ର ସ୍କଲାରମାନଙ୍କ ପ୍ରଶ୍ନୋତର କାର୍ଯ୍ୟକ୍ରମ ମଧ୍ୟ ଇଂଟର୍‌ନେଟ୍‌ରେ ଉପଲବ୍ଧ ରହିଛି । ପୁଣି ଏଠି ଆମେରିକାରେ ଆମର ମୁରବୀମାନେ ମଧ୍ୟ ଏ ସମ୍ବନ୍ଧରେ ବହୁତ କାମ କରୁଛନ୍ତି ଏବଂ ନିୟମିତ ପ୍ରଶ୍ନୋତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି ଓ ଏହାର ବହୁତ ଭଲ ଫଳ ପ୍ରକାଶ ହେଉଅଛି । ତେଣୁ ଆପଣ ଆପଣଙ୍କ ଖୁଦାମ୍ ମାନଙ୍କ ମଧ୍ୟରେ ଏହି ମଜ୍‌ଲିସ୍ ଗୁଡିକ ଜରିଆରେ ଜ୍ଞାନ ଆହରଣ କରିବା ପାଇଁ ଓ ଜ୍ଞାନ ବଢ଼ାଇବା ପାଇଁ ଚେଷ୍ଟା କରନ୍ତୁ । ସେକ୍ରେଟାରୀ ତବ୍‌ଲିଗ୍ ଏବଂ ସେକ୍ରେଟାରୀ ତର୍‌ବିୟତ୍‌କୁ ମଧ୍ୟ ଏ ସମ୍ବନ୍ଧରେ ପ୍ରୋଗ୍ରାମ୍ କରିବା ଉଚିତ୍ । ଆପଣମାନେ ନିଜ ନିଜର iPads ଫୋନ୍‌କୁ ସର୍ବଦା ଖୋଲୁଛନ୍ତି ଓ ସେଥିରେ ସାଂସାରିକ କଥାଗୁଡିକୁ ଦେଖୁଛନ୍ତି । ତେଣୁ ଆପଣମାନେ ଏହି କାମ ପାଇଁ ମଧ୍ୟ କିଛି ନା କିଛି ସମୟ ନିର୍ଦ୍ଧାରିତ କରିପାରିବେ । ଗୋଟିଏ ଦିନରେ ମୋଟ ୨୪ ଘଂଟା, ସେଥିରୁ ୬ ଘଂଟା ଆପଣମାନେ ଶୋଉଛନ୍ତି ଓ ବାକି ଆପଣମାନଙ୍କ ନିକଟରେ ୧୮ ଘଂଟା ବଂଚୁଛି । ୟୁନିଭର୍‌ସିଟି, କଲେଜ୍ ଏବଂ ଚାକିରି ଇତ୍ୟାଦି କାର୍ଯ୍ୟକୁ ବାହାର କରିଦେବା ପରେ ଆପଣମାନଙ୍କ ନିକଟରେ ପୁଣି ମଧ୍ୟ ଦୁଇ ତିନିଘଂଟା ବଂଚିଯାଉଛି, ଯାହାକୁ ଆପଣମାନେ ସାଧାରଣତଃ ଇଂଟର୍‌ନେଟ୍ କିମ୍ବା ଟି.ଭି ପ୍ରୋଗ୍ରାମ୍ ଗୁଡିକରେ ନଷ୍ଟ କରିଦେଉଛନ୍ତି । ଆପଣମାନଙ୍କୁ ସମସାମୟିକ ସମସ୍ୟା ଗୁଡିକ ବିଷୟରେ ମଧ୍ୟ ଜ୍ଞାନ ରହିବା ଉଚିତ୍ । ସେହିପରି ଟି.ଭି ମଧ୍ୟ କିଛି ମାତ୍ରାରେ ଦେଖିବା ଉଚିତ୍, ଦେଶର ରାଜନୈତିକ ଅବସ୍ଥା ବିଷୟରେ ମଧ୍ୟ ଖବର ରହିବା ଉଚିତ୍ । କିନ୍ତୁ ଏହି ସମସ୍ତ କଥା ବ୍ୟତୀତ ଗୋଟିଏ ବିଶେଷ ସମୟକୁ ନିର୍ଦ୍ଧାରିତ କରନ୍ତୁ ଓ ସେହି ସମୟକୁ ନିଜ ଧର୍ମ ସମ୍ବନ୍ଧରେ ବିନିଯୋଗ କରି ଧର୍ମ କଥା ଶିଖନ୍ତୁ । ଆପଣମାନେ ଖୁଦାମ୍‌ମାନଙ୍କ ଭିତରେ ଏ ସନ୍ଦର୍ଭରେ ସଉକି ସୃଷ୍ଟି କରାଇବାକୁ ପଡ଼ିବ । ପାଣ୍ଡୁଲିପି ତ ପୂର୍ବରୁ ହିଁ ମହଜୁଦ୍ ରହିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦି ଆପଣମାନେ ଭାବୁଛନ୍ତି ଯେ ଏପରି କିଛି ପ୍ରଶ୍ନ ଅଛି ଯାହାର ଉତର ଇଂଟର୍‌ନେଟ୍‌ରେ ମହଜୁଦ୍ ନାହିଁ ତେବେ ପୁଣି ଆପଣମାନେ ନିଜ ମୂରବୀମାନଙ୍କଠାରୁ ପଚାରି ବୁଝନ୍ତୁ, ସେମାନେ ଏହାର ଉତର ଦେଇଦେବେ । କିଛି ଦ୍ୱନ୍ଦମୂଳକ ପ୍ରଶ୍ନ ମଧ୍ୟ ଥାଏ ଓ ସେ ସମ୍ବନ୍ଧରେ ମୂରବୀମାନେ ମଧ୍ୟ ଭିନ୍ନ ଭିନ୍ନ ରାୟ ଦେଇଥାନ୍ତି । ତେଣୁ ଏଭଳି ପ୍ରଶ୍ନ ଥିଲେ ତାହା ମୋ ପାଖକୁ ଲେଖି ପଠାନ୍ତୁ ମୁଁ ସେ ସବୁର ଉତର ଦେଇଦେବି । ପୁଣି ଆମର ସ୍କଲାର ଅଛନ୍ତି, ସେମାନେ ସେହି ପ୍ରଶ୍ନର ବ୍ୟାଖ୍ୟାମୂଳକ ଉତର ଦେଇପାରିବେ । ସେଗୁଡିକୁ ଆପଣମାନେ ସୋସିଆଲ୍ ମିଡିଆ ଜରିଆରେ ଇଂଟର୍‌ନେଟ୍‌ରେ ମଧ୍ୟ ଅପ୍‌ଲୋଡ୍ କରିପାରିବେ । ସବୁ ଖୁଦାମ୍‌ମାନେ ସେଥିରୁ ଲାଭ ଉଠାଇପାରିବେ ।

ମୋହତମିମ୍ ଉମୁରେ ତୋଲବା (ଛାତ୍ର ସମ୍ବନ୍ଧିତ) କହିଲେ ଯେ ମୋର ପ୍ରଶ୍ନ ତାଲିମି ଏବଂ ଧର୍ମ ସମ୍ବନ୍ଧୀୟ ତର୍କ ବିଷୟରେ ରହିଛି । କଣ ଆମେ ୟୁନିଭର୍‌ସିଟି ଇତ୍ୟାଦି ଅନୁଷ୍ଠାନ ଗୁଡିକରେ ଏପରି ଡିବେଟ୍‌ସ୍ ଆୟୋଜନ କରିବା ଉଚିତ୍ ହେବ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆପଣ ୟୁନିଭର୍‌ସିଟି ଗୁଡିକରେ ସେମିନାର୍ ଅନୁଷ୍ଠିତ କରିପାରିବେ । ଦୁଇପ୍ରକାରର ସେମିନାର୍ ହୋଇଥାଏ । ଗୋଟିଏ ତ ଶିକ୍ଷା ସମ୍ବନ୍ଧିତ ବିଷୟବସ୍ତୁ ଉପରେ ଆଧାରିତ ଓ ଆଉ ଗୋଟିଏ ହେଉଛି ବର୍ତମାନ ସମୟରେ ଉପୁଜୁଥିବା ସମସ୍ୟା ଗୁଡିକ ଉପରେ ଆଧାରିତ । କେତେକ ଧର୍ମ ସମ୍ବନ୍ଧୀୟ ବିଷୟବସ୍ତୁ ଗୁଡିକୁ ମଧ୍ୟ ଚୟନ କରାଯାଇପାରିବ । ୟୁ.କେ ଏବଂ ଜର୍ମାନୀ ଇତ୍ୟାଦି ଦେଶରେ ଯେଉଁଠି ଅହେମଦୀୟା ମୁସ୍‌ଲିମ୍ ଷ୍ଟୁଡେଂଟ୍ ଆସୋସିଏସନ୍ (AMSA) ଆକ୍ଟିଭ୍ ଅଛନ୍ତି ସେଠାରେ ୟୁନିଭର୍‌ସିଟି ଗୁଡିକରେ ସେମିନାର୍ ଅନୁଷ୍ଠିତ କରାଯାଉଅଛି । ବେଳେବେଳେ ଡିବେଟ୍‌ସ୍‌ର ମଧ୍ୟ ଆୟୋଜନ କରାଯାଇଥାଏ । ଧର୍ମ ସମ୍ବନ୍ଧୀୟ ଯେଉଁ ବିଭାଗ ରହିଛି ସେ ୟୁନିଭର୍‌ସିଟି ଭିତରେ ଥିବା ହଲ୍ ଅଥବା ଅଡିଟୋରିୟମ୍‌ରେ ଏହି ସେମିନାର୍ ଗୁଡିକୁ ଆୟୋଜନ କରିବା ପାଇଁ ଅନୁମତି ଦେଇଦେଇଥାଏ । ଏହି ପ୍ରୋଗ୍ରାମ୍‌ରେ ବାହାର ଲୋକମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇପାରିବ । ନିଜ ନିଜର ଅବସ୍ଥା ଓ ପରିସ୍ଥିତି ମୁତାବକ ଆପଣମାନେ ନିଜେ ହିଁ ଦେଖି ନିଅନ୍ତୁ ଯେ କେଉଁ କାର୍ଯ୍ୟଶୈଳୀକୁ ଗ୍ରହଣ କରିବା ଠିକ୍ ହେବ । ବର୍ତମାନ ଯୁଗର ପରିସ୍ଥିତିରେ ଯେଉଁ ସମସ୍ୟା ଗୁଡିକ ରହିଛି, ଧର୍ମଜ୍ଞାନ ସମ୍ବନ୍ଧିତ ବା ସାଇନ୍‌ସ୍ ରିସର୍ଚ୍ ଉପରେ ଆଧାରିତ କିଛି ସୈକ୍ଷିକ ବିଷୟ ବସ୍ତୁ ଉପରେ ଆଧାରିତ ସେମିନାର୍ ଆୟୋଜନ କରାଯାଇପାରେ । ସେହିପରି ଆପଣମାନେ ଅନ୍ୟଛାତ୍ରମାନଙ୍କୁ ମଧ୍ୟ ନିଜର ନିକଟତର କରିପାରିବେ । ଅଧିକାଂଶ ଛାତ୍ର ଏକାଡେମିକ୍ ସମ୍ବନ୍ଧିତ ବିଷୟବସ୍ତୁ ଉପରେ ଆଗ୍ରହ ପ୍ରକାଶ କରିଥାନ୍ତି । ତେଣୁ ଯେତେବେଳେ ଏହି ଛାତ୍ରମାନେ ଆପଣଙ୍କ ନିକଟକୁ ଆସିବେ ସେତେବେଳେ ଆପଣମାନେ ଧର୍ମ ସମ୍ବନ୍ଧିତ ବିଷୟବସ୍ତୁ ଉପରେ ମଧ୍ୟ ସେମିନାର କରିପାରିବ । ଉଦାହରଣ ସ୍ୱରୂପ ଏକ ପ୍ରସିଦ୍ଧ ବିଷୟ ବସ୍ତୁ ରହିଛି "ହସ୍ତି ବାରି ତାଆଲା" (ଅର୍ଥାତ୍ ଇଶ୍ୱରଙ୍କ ଅସ୍ତିତ୍ୱ) । ପୁଣି "ଧର୍ମର ଆବଶ୍ୟକତା", "ଧର୍ମର ସତ୍ୟତା" ଏବଂ ଏହିପରି ଆହୁରି ଅନେକ ବିଷୟ ବସ୍ତୁ ରହିଛି ଯାହା ଉପରେ ଆଧାରିତ ସେମିନାର୍ ଅନୁଷ୍ଠିତ କରାଯାଇପାରେ । ବର୍ତମାନ ତ ମୁଁ ସବୁ ବିଷୟବସ୍ତୁ ବତାଇପାରିବି ନାହିଁ କିନ୍ତୁ ବହୁତ ଗୁଡିକ ବିଷୟ ବସ୍ତୁ ରହିଛି ଯାହା ଉପରେ ସେମିନାର କରାଯାଇପାରେ । ଆପଣ ନିଜେ ମଧ୍ୟ ଏ ସମ୍ବନ୍ଧରେ ଚିନ୍ତା କରନ୍ତୁ । ବହୁତ ଗୁଡିଏ ବିଷୟ ବସ୍ତୁ ସମ୍ମୁଖକୁ ଆସିଯିବେ ।

ଆଉଜଣେ ଖାଦିମ୍ କହିଲେ ଯେ ଆମେ ପ୍ରଶ୍ନୋତର ଉପରେ ଆଧାରିତ ଗୋଟିଏ ପୁସ୍ତକ ପ୍ରକାଶ କରିଛୁ ଯାହାକୁ ଖୁଦାମ୍‌ମାନଙ୍କ ମଧ୍ୟରେ ବଂଟାଯାଇଅଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- କ'ଣ ଆପଣ ତର୍‌ବିୟତି ପ୍ରସଙ୍ଗରେ ମଧ୍ୟ ମୋର ଇକ୍‌ତେବାସାତ୍ ବା ଖୁତ୍‌ବାତ୍ ଗୁଡିକୁ ଏକତ୍ରିତ କରି କୌଣସି ପୁସ୍ତକ ପ୍ରସ୍ତୁତ କରିଛନ୍ତି କି ? ଏ ସମ୍ବନ୍ଧରେ ଦୁଇଟି ପୁସ୍ତକ ରହିଛି । ଗୋଟିଏ ପୁସ୍ତକର ଇଂରାଜୀ ଅନୁବାଦ ହୋଇସାରିଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଗୋଟିଏ ପୁସ୍ତକ "ସୋଶିଆଲ୍ ମିଡିଆର କୁ ପ୍ରଭାବ ଏବଂ ସେଥିରୁ କିପରି ବଂଚାଯାଇପାରିବ" ବିଷୟବସ୍ତୁ ଉପରେ ଆଧାରିତ । ପୁସ୍ତକର ଟାଇଟେଲ୍ ତ ମୋର ମନେନାହିଁ କିନ୍ତୁ ସୋଶିଆଲ୍ ମିଡିଆର କୁପ୍ରଭାବ ସମ୍ବନ୍ଧରେ ଅଛି । ଏହି ପୁସ୍ତକଟି ୨୫୦ ପୃଷ୍ଠା ସମ୍ବଳିତ ପୁସ୍ତକ ଅଟେ । ଏହାର ଇଂରାଜୀ ଅନୁବାଦ ହେଉଅଛି । ଯେବେ ଏହା ପ୍ରସ୍ତୁତ ହୋଇଯିବ ସେତେବେଳେ ଆପଣ ଏହି ପୁସ୍ତକଟିକୁ ମଧ୍ୟ ଖୁଦାମ୍ ମାନଙ୍କ ମଧ୍ୟରେ ବାଂଟିପାରିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ବର୍ତମାନ ଜମାତ୍‌ରେ ଦୁଇଟି ବଡ ସମସ୍ୟା ରହିଛି । ଗୋଟିଏ ସମସ୍ୟାଟି ଆମ ଯୁବପିଢ଼ୀକୁ ନଷ୍ଟ କରୁଅଛି । ତାହା ହେଉଛି ଶୋସିଆଲ୍ ମିଡିଆର ଅପ ବ୍ୟବହାର ଓ ଦ୍ୱିତୀୟ ସମସ୍ୟାଟି ହେଉଛି ବୈବାହିକ ସମ୍ବନ୍ଧିତ ସମସ୍ୟା । ଆମ ଜମାତ୍‌ରେ ବିଭାଘରର ସମସ୍ୟା ବଢ଼ି ଚାଲିଛି । ଦ୍ୱିତୀୟ ପୁସ୍ତକଟିର ବିଷୟବସ୍ତୁ ହେଉଛି "ପାରିବାରିକ ସମସ୍ୟା ଓ ତା'ର ସମାଧାନ" ଉପରେ ଆଧାରିତ । ଏହାର ଅନୁବାଦ ହୋଇସାରିଛି । ମୋର ଖିଆଲ ଯେ ଲଜ୍‌ନା ଇମାଇଲା ୟୁ.କେ ଏହାକୁ ପ୍ରକାଶ କରିସାରିଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଲଜ୍‌ନା ପ୍ରତ୍ୟେକ ସ୍ଥାନରେ ଖୁଦାମୁଲ୍ ଅହେମଦୀୟାଙ୍କ ତୁଳନାରେ ଅଧିକ ଆକ୍ଟିଭ୍ ଅଛନ୍ତି । ମୁଁ ସବୁଠାରେ ଏକଥା କହୁଛି କିନ୍ତୁ ଏହାର ପ୍ରଭାବ ଖୁଦାମ୍‌ଙ୍କ ଉପରେ ହେଉନାହିଁ, ବରଂ ମୋତେ ଏକଥା କହିବା ଠିକ୍ ହେବ ଯେ ଏକଥାକୁ ଶୁଣି ଖୁଦାମ୍‌ମାନଙ୍କୁ ଲାଜ ଲାଗୁନାହିଁ ।

ଆଉଜଣେ ଖାଦିମ୍ କହିଲେ ଯେ ଲଜ୍‌ନା ମାନଙ୍କ ସମ୍ବନ୍ଧରେ ମୁଁ ଏକଥା ଦେଖିଛି ଯେ ସେମାନେ ବହୁତ ସୁସଂଗଠିତ । ପ୍ରତ୍ୟେକ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଯୋଜନାର ସହିତ କରିଥାନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଅସଲ କଥା ହେଉଛି ଆପଣମାନେ କାହାକୁ ଅଗ୍ରାଧିକାର ଦେଉଛନ୍ତି । ଯଦି ଆପଣମାନେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବେ ତେବେ ଆପଣମାନେ ବହୁତ ସୁନ୍ଦର ରୂପେ କାର୍ଯ୍ୟ କରିପାରିବେ । ଆପଣମାନେ ଖୁଦାମୁଲ୍ ଅହେମଦୀୟାର ଅହଦ୍‌ରେ

ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବାପାଇଁ ପ୍ରତିଶୃତି ଦେଇଛନ୍ତି । ତେଣୁ ଯଦି ଆପଣମାନେ ନିଜର ଧର୍ମକୁ ଅନ୍ୟ ସମସ୍ତ ବିଷୟବସ୍ତୁ ଉପରେ ଅଗ୍ରାଧିକାର ନ ଦେବେ ତେବେ ଆପଣମାନେ ଧର୍ମକାର୍ଯ୍ୟ ସମ୍ପାଦନ କରିବାରେ କିପରି ସୁ ସଂଗଠିତ ହୋଇପାରିବେ । ଯଦି ଲଜ୍‌ନାମାନେ ଅଧିକ ସୁ ସଂଗଠିତ ତେବେ ଏକଥା ମୋତେ ବତାଇବା ପରିବର୍ତ୍ତେ ଆପଣମାନଙ୍କୁ ଦୁଃଖ ପରିପ୍ରକାଶ କରିବା ଉଚିତ୍ ହେବ ଯେ ଆପଣମାନେ କାହିଁକି ସୁସଂଗଠିତ ନୁହଁନ୍ତି । ତେଣୁ ଆଜି ଏ ପ୍ରତିଶୃତି କରନ୍ତୁ ଯେ ଆପଣମାନେ ଆସନ୍ତାକୁ ଲଜ୍‌ନାମାନଙ୍କ ତୁଳନାରେ ଅଧିକା ସୁସଂଗଠିତ ହେବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେବେ ବିବାଘରର ସମସ୍ୟା ସମ୍ବନ୍ଧରେ ମୋର ପୁସ୍ତକଟି ଛପାଯାଇଥିଲା ସେତେବେଳେ ଖୁଦାମୁଲ୍ ଅହେମଦୀୟା ତାହାର ଇଂରାଜୀ ଅନୁବାଦ ପାଇଁ ନିବେଦନ କରିଥିଲେ । ମୁଁ ତାଙ୍କୁ ଅନୁମତି ଦେଇଦେଲି କିନ୍ତୁ ଏକ ସପ୍ତାହ ପରେ ମୋତେ ଜଣାପଡିଲା ଯେ ଲଜ୍‌ନାମାନେ ଏ ପୁସ୍ତକଟିକୁ ଅଧା ଅନୁବାଦ କରିସାରିଛନ୍ତି । ପ୍ରତ୍ୟେକ ସ୍ଥାନରେ ଏହିଭଳି ଅବସ୍ଥା କିନ୍ତୁ ୟୁ.କେରେ ଖୁଦାମୁଲ୍ ଅହେମଦୀୟା ଏବେ କିଛି ନା କିଛି ପଦକ୍ଷେପ ଉଠାଇବା ଆରମ୍ଭ କରିଛନ୍ତି । କିନ୍ତୁ ଏଠାରେ ଆପଣମାନେ ଖାଲି ଚିନ୍ତା କରୁଛନ୍ତି ଯେ ଆମେ କୌଣସି ପଦକ୍ଷେପ ଉଠଇନୁ । ଯେବେ କି ବାସ୍ତବିକ କେବେ ପଦକ୍ଷେପ ଉଠାଇନାହାଁନ୍ତି ।

ଆଉଜଣେ ଆମେଲାର ସଦସ୍ୟ କହିଲେ ଯେ ହ୍ୟୁମାନିଟି ଫାର୍ଷ୍ଟ ସମ୍ବନ୍ଧରେ ଯେଉଁ ଅପିଲ୍ କରାଯାଉଛି ତା ସମ୍ବନ୍ଧରେ ମୋର ପ୍ରଶ୍ନ ରହିଛି । ସେମାନେ ୟୁନିଭରସିଟିରେ ଆନ୍‌ସା ଶୈଳୀରେ ଅରଗାନାଇଜେସନ୍ ବନାଇଛନ୍ତି । ସେଥିରେ ଗଏର୍ ଅହେମଦୀ ପୁଅ ଝିଅମାନେ ସାମିଲ୍ ଅଛନ୍ତି । ଆମେ ସେମାନଙ୍କୁ ନିଜ ପରଦା ପ୍ରଥାର ସ୍ତର ମୁତାବକ ଆଣିପାରିବୁ ନାହିଁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ: ଅ କହିଲେ ଜମାତି ପ୍ଲାଟ୍‌ଫର୍ମରେ ହ୍ୟୁମାନିଟି ଫାର୍ଷ୍ଟର ଅପିଲ୍ ହେବା ଉଚିତ୍ ନୁହେଁ । ବାକି ହ୍ୟୁମାନିଟି ଫାଷ୍ଟ ହେଉଛି ଗୋଟିଏ ଚ୍ୟାରିଟି ସଂସ୍ଥା । ତେଣୁ ଆମେ ସେମାନଙ୍କୁ ଏପରି କରିବା ପାଇଁ ମନା କରିବା ନାହିଁ । ରସୁଲେ କରିମ୍ ସ:ଆ:ସ ମଧ୍ୟ ନବୁଓ୍ୱତ୍‌ର ଦାବୀ କରିବା ପୂର୍ବରୁ ଗୋଟିଏ ସଂଗଠନର ସଦସ୍ୟ ଥିଲେ । ସେହି ସଂଗଠନଟି ଗରିବ ମାନଙ୍କୁ ସାହାଯ୍ୟ କରୁଥିଲା ଓ ତାହାର ନାମ "ହିଲ୍‌ଫୁଲ୍ ଫୁଜୁଲ୍" ରଖାଯାଇଥିଲା । ଆପଣ ସ:ଆ:ସ କହିଲେ ଯେ ଯେବେ କି ଏବେ ମୁଁ ଖୁଦାତାଲାଙ୍କ ନବୀ ହୋଇସାରିଛି କିନ୍ତୁ ଏହା ସତ୍ୱେ ମଧ୍ୟ ଯଦି କୌଣସି ଅଣ ମୁସ୍‌ଲିମ୍ ସେହି ପ୍ରକାର ସଂଗଠନ ବନାଉଛନ୍ତି ଯାହା ମାଧ୍ୟମରେ ଗରିବ ମାନଙ୍କୁ ସାହାଯ୍ୟ କରାଯାଇପାରେ ତେବେ ମୁଁ ବହୁତ ଖୁସିର ସହିତ ଏପରି ସଂଗଠନର ସଦସ୍ୟ ହେବି । ଯେବେ କି ଏହି ଅଣ ମୁସଲ୍‌ମାନ୍‌ମାନଙ୍କ ଧର୍ମ ନିଷ୍ଠା ଓ ପୂଣ୍ୟର ସ୍ତର ଏତେ ଉଚ୍ଚ ସ୍ତରର ନଥିଲା । କିନ୍ତୁ ଏହା ସତ୍ୱେ ମଧ୍ୟ ରସୁଲେ କରିମ୍ ସ:ଆ:ସ ଏହି ପ୍ରକାରର ଗ୍ରୁପ୍‌ର ଅଂଶ ବିଶେଷ ହେବା ପାଇଁ ପ୍ରସ୍ତୁତ ଥିଲେ ।

ମୋହତମିମ୍ ସନଅତ୍ ଓ୍ୱ ତିଜାରତ୍ (ହସ୍ତଶିଳ୍ପ ଓ ବାଣିଜ୍ୟ) ବିଭାଗ ପଚାରିଲେ ଯେ ଆମେ ବହୁତ ସଫଳତାର ସହିତ Webinars ଅନୁଷ୍ଠିତ କରୁଅଛୁ । କ'ଣ ଆମେ ଏହି ଓ୍ୱିବିନାଶ୍‌ରେ ମୁରବୀମାନଙ୍କ ମଧ୍ୟ ସାମାଜିକ ସମସ୍ୟାଗୁଡିକ ଉପରେ ଆଲୋକପାତ କରିବା ପାଇଁ ନିମନ୍ତ୍ରଣ କରିପାରିବୁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣଙ୍କ ବିଭାଗର ସମ୍ବନ୍ଧ ଧର୍ମ ସମ୍ବନ୍ଧୀୟ ସମସ୍ୟା ସହିତ ନୁହେଁ । ଏହି ପ୍ରକାରର ସେମିନାର୍ ଗୁଡିକୁ ମୋହତମିମ୍ ତର୍‌ବିୟତ୍‌ଙ୍କ ତରଫରୁ ଅନୁଷ୍ଠିତ ହେବା ଉଚିତ୍ ନା କି ସନ୍‌ଅତ୍ ଓ ତିଜାରତ୍‌ଙ୍କ ତରଫରୁ । ମୁରବୀମାନେ ତ ଆପଣମାନଙ୍କୁ ଏହି କଥା ବତାଇପାରିବେ ଯେ କମ୍ ଆମଦାନୀରେ କିପରି ଚଳାଯାଇପାରେ ଓ କିପରି ଆତ୍ମସନ୍ତୋଷ ହାସଲ କରାଯାଇପାରେ ? ଏହାଠାରୁ ଅଧିକା ତ ସେମାନେ ଆପଣମାନଙ୍କୁ କିଛି ବତାଇପାରିବେ ନାହିଁ ।

ଆଉଜଣେ ଆମେଲାର ସଦସ୍ୟ କହିଲେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିର୍ଦ୍ଦେଶ ଦେଇଛନ୍ତି ଯେ ଛଅଘଂଟା ନିଦ୍ରା ଯିବା ଯଥେଷ୍ଟ ଅଟେ କିନ୍ତୁ କିଛି ଛାତ୍ର କହୁଛନ୍ତି ଯେ ଆଠଘଂଟା ନିଦ୍ରା ଯିବା ଉଚିତ୍ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହା ଆପଣମାନଙ୍କ ଉପରେ ନିର୍ଭର କରିଥାଏ । କିଛି ଲୋକ ତ ପାଂଚଘଂଟା ନିଦ୍ରା ଯିବା ପରେ ମଧ୍ୟ ସତେଜ ହୋଇଯାଇଥାଆନ୍ତି କିନ୍ତୁ ଛଅଘଂଟା ଯଥେଷ୍ଟ । କିଛି ବର୍ଷ ପୂର୍ବେ ମୁଁ କେଉଁଠି ଏକଥା ପଢ଼ିଥିଲି ଯେ କିଛି ରସିୟାନ୍ ଛାତ୍ର ପ୍ରତ୍ୟେକ ଦିନ ଚଉଦ ଘଂଟା ପଢୁଛନ୍ତି । ଯଦି ଆପଣମାନଙ୍କୁ ପରିଶ୍ରମ କରିବାର ଅଭ୍ୟାସ ରହିଛି ତେବେ ଆପଣମାନେ ଅତି କମ୍‌ରେ ବାରଘଂଟା ପଢ଼ିପାରିବେ । ଯଦି ପାଠ ପଢୁନାହାଁନ୍ତି ତେବେ ଜମାତି କାର୍ଯ୍ୟଗୁଡିକ କରିବା ପାଇଁ ସମୟ ଦିଅନ୍ତୁ । ଯଦି ଆପଣମାନେ ପ୍ରତ୍ୟେକ ଦିନ ବାରଘଂଟା କାର୍ଯ୍ୟ କରିବେ ଏହା ସତ୍ୱେ ମଧ୍ୟ ବହୁତ ସହଜରେ ଛଅଘଂଟା ନିଦ ପୁରା କରିପାରିବେ ।

ତା'ପରେ ମାଉନ୍ ସଦର୍ ସାହେବ୍ quranfacts.com ଓ୍ୱେବ୍‌ସାଇଟ୍‌କୁ ହଜୁର୍ ଅନୁଓ୍ୱର୍‌ଙ୍କୁ ଦେଖାଇଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ମାଉନ୍ ସଦର୍ ସାହେବ୍ କହିଲେ ଯେ ଏହି ଓ୍ୱେବ୍‌ସାଇଟ୍‌ରେ ବିଷୟବସ୍ତୁ ପାଇଁ ମୁରବୀମାନଙ୍କ ଠାରୁ ଅଧିକା ସାହାଯ୍ୟ ନିଆଯାଇଛି ।

ଆଉଜଣେ ଆମ୍‌ଲାର ସଦସ୍ୟ ଶୋସିଆଲ୍ ମିଡିଆ ଏବଂ ଫେସ୍‌ବୁକ୍ ଉପରେ ତବ୍‌ଲିଗ୍ କରିବା ସମ୍ବନ୍ଧରେ ମାର୍ଗଦର୍ଶନ ଚାହିଁଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଟ୍ରମ୍ପ୍ ଯୋଗୁ ଟ୍ୱିଟର୍ ଅଧିକ ପ୍ରସିଦ୍ଧି ଲାଭ କରିଛି । ମୋର ମତରେ ଟ୍ୱିଟର୍‌ରେ ଅଧିକ ଭଲ ଭାବେ ରେସ୍‌ପନ୍‌ସ୍ ମିଳୁଅଛି । ସେଥିଯୋଗୁ ବୋଧହୁଏ ଟ୍ରମ୍ପ୍ ଏହାକୁ ବ୍ୟବହାର କରୁଛନ୍ତି ।

ଆଉଜଣେ ଆମେଲାର ସଦସ୍ୟ କହିଲେ ଯେ ମୁଁ ଏକଥା ଶୁଣିବାକୁ ପାଇଛି ଯେ ୟୁନିଭରସିଟି ଇତ୍ୟାଦି ଅନୁଷ୍ଠାନ ଗୁଡିକରେ ଅନ୍ୟ ଧର୍ମର ସ୍କଲାର ମାନଙ୍କ ସହିତ ଡିବେଟ୍ କରିବା ଉଚିତ୍ ନୁହେଁ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ତ ଏପରି କେବେ କହିନାହିଁ । ଆପଣମାନଙ୍କୁ ଧର୍ମ ସମ୍ବନ୍ଧୀୟ ତର୍କ ବିତର୍କରୁ ପଳାୟନ କରିବା ଉଚିତ୍ ନୁହେଁ । କିନ୍ତୁ ତର୍କ ବିତର୍କ ଆରମ୍ଭ ହେବା ପୂର୍ବରୁ କେତେକ ସର୍ତ୍ତ ରହିବା ଉଚିତ୍ ଅର୍ଥାତ୍ କେହି ଅନ୍ୟ ଧର୍ମର ଆଧ୍ୟାତ୍ମିକ ଗୁରୁଙ୍କୁ ଗାଳି ଦେବନାହିଁ । ଅନ୍ୟମାନଙ୍କୁ ଏହା ଉଚିତ୍ ହେବ ଯେ ସେମାନେ ନିଜ ଧର୍ମର ସୁଗୁଣକୁ ବର୍ଣ୍ଣନା କରନ୍ତୁ । ଏହାର ଉଦାହରଣ ଆମକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଠାରୁ ମିଳୁଅଛି । ସେ ସମୟରେ ଗୋଟିଏ ମୁବାହିସା (ଧର୍ମ ସମ୍ବନ୍ଧୀୟ ତର୍କ ବିତର୍କ) ଅନୁଷ୍ଠିତ ହୋଇଥିଲା ଯାହାର ମୂଳ ସର୍ତ୍ତ ଏହା ଥିଲା ଯେ ଏହି ମୁବାହିସାରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତି ଅନ୍ୟ କୌଣସି ଧର୍ମକୁ ଖରାପ କହିବ ନାହିଁ ବରଂ କେବଳ ନିଜ ନିଜ ଧର୍ମର ସୁଗୁଣକୁ ବର୍ଣ୍ଣନା କରିବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେହି ମୁବାହିସା ପାଇଁ "ଇସ୍‌ଲାମୀ ଉସୁଲ୍ କି ଫିଲାସଫି" ପୁସ୍ତକ ରଚନା କରିଥିଲେ । ଆପଣମାନେ ମଧ୍ୟ ଏହି ପ୍ରକାରର ମୁବାହିସାରେ ଅଂଶଗ୍ରହଣ କରିପାରିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଦ୍ୱନ୍ଦମୂଳକ ମତଭେଦପୂର୍ଣ୍ଣ ବିଷୟବସ୍ତୁ ଉପରେ ମୁବାହିସା ନ କରନ୍ତୁ । ଆପଣମାନେ ତ ନିଜ ମନ ଉପରେ ଆୟତ କରିନେବେ କିନ୍ତୁ ଅନ୍ୟମାନଙ୍କ ମନୋଭାବ ଉପରେ ଆପଣମାନଙ୍କର କୌଣସି ଅକ୍ତିଆର୍ ରହିବନାହିଁ । ଆରମ୍ଭରେ ସେମାନେ ଏ ପ୍ରତିଶୃତି ଦେଇଥାନ୍ତି ଯେ ସେମାନେ କ୍ରୋଧ କରିବେ ନାହିଁ ଓ କୁଭାଷା ପ୍ରୟୋଗ କରିବେ ନାହିଁ କିନ୍ତୁ କିଛି ସମୟ ପରେ ହିଁ ସେମାନେ ଭୀଷଣ କ୍ରୋଧିତ ହୋଇଯାଆନ୍ତି । ଫଳତଃ ଯାହାକିଛି ସେମାନଙ୍କ ମୁହଁରେ ଆସିଥାଏ କହିଥାନ୍ତି ଓ ବେଳେବେଳେ ଅତ୍ୟନ୍ତ ଖରାପ ଭାଷା ବ୍ୟବହାର କରିବା ଆରମ୍ଭ କରିଦେଇଥାନ୍ତି ।

ଜଣେ ରିଜିଓନାଲ୍ କାଏଦ୍ କହିଲେ ଯେ ଯେଉଁ ଖୁଦାମ୍‌ମାନେ ଆକ୍ଟିଭ୍ ନାହାଁନ୍ତି ସେମାନଙ୍କ ସହିତ ଯୋଗାଯୋଗ କରିବା ସମ୍ବନ୍ଧରେ କେଉଁ ପ୍ରକାରର ଆପ୍ରୋଚ୍ ରହିବା ଉଚିତ୍ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ପୂର୍ବରୁ ମଧ୍ୟ ଏହି ବିଷୟ ବସ୍ତୁ ଉପରେ ଅନେକଥର କଥା ହୋଇ ସାରିଛି । ଏହାର ସବୁଠାରୁ ଉତମ ଶୈଳୀ ହେଉଛି ଏହା କି ଓ୍ୱହ୍‌ଦାଦାର୍‌ମାନଙ୍କର ଏପରି ଲୋକମାନଙ୍କ ସହିତ ନିଜି ସମ୍ପର୍କ ରହିବା ଉଚିତ୍ । ଆପଣମାନଙ୍କୁ ଗୋଟିଏ ଏପରି ଟିମ୍ ତିଆରି କରିବା ଉଚିତ୍ ଯାହାର ଇମାନ୍ ମଜ୍‌ବୁତ୍ ଥିବ ଏବଂ ସେମାନେ ଏପରି ଲୋକମାନଙ୍କ ସହିତ ବନ୍ଧୁତ୍ୱ ସ୍ଥାପନ କରିବେ ଓ ସେମାନଙ୍କୁ ଜମାତ୍‌ର ନିକଟତର କରାଇବା ପାଇଁ ଚେଷ୍ଟା କରିବେ । ସବୁଠାରୁ ଉତମ ଶୈଳୀ ହେଉଛି ନିଜି ସମ୍ପର୍କ ଓ ସେଥିପାଇଁ ଆପଣଙ୍କୁ ଭଦ୍ର ହେବା ଉଚିତ୍ ଓ ଉତମ ଚରିତ୍ର ସମ୍ପନ୍ନ ଖୁଦାମ୍‌ମାନଙ୍କର ଗୋଟିଏ ଟିମ୍ ବନାଇବାକୁ ହେବ ଯେଉଁମାନଙ୍କର ବୟସ ୨୦ରୁ୩୦ ମଧ୍ୟରେ ହୋଇଥିବ ଅଥବା ଭିନ୍ନ ଭିନ୍ନ ବୟସକୁ ନେଇ ମଧ୍ୟ ଗ୍ରୁପ୍ ତିଆରି କରାଯାଇପାରେ କାରଣ ଏହି ପ୍ରକାର ସମସ୍ୟା ସବୁ ବୟସର ଲୋକମାନଙ୍କ ନିକଟରେ ଦେଖାଯାଇଥାଏ । ତେଣୁ ଯେଉଁ ଖୁଦାମ୍‌ମାନେ ଆକ୍ଟିଭ୍ ନାହାଁନ୍ତି ସେମାନଙ୍କ ସମ ବୟସ୍କ ଖୁଦାମ୍ ମାନଙ୍କୁ ଟିମ୍‌ରେ ରଖନ୍ତୁ । କିନ୍ତୁ ଯେଉଁମାନଙ୍କୁ ଆପଣ ଟିମ୍‌ରେ ରଖୁଛନ୍ତି ସେମାନେ ନିଜେ ମଜ୍‌ବୁତ୍ ଅହେମଦୀ ହେବା ଉଚିତ୍ ଓ ସେମାନଙ୍କର ନିଜର ଇମାନ୍ ମଜ୍‌ବୁତ୍ ହେବା

## ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Pankal (Odisha)*

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଧେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

## ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିଭାବକୁ ଦେଖାଅ । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଓ ତା ଉପରେ ପରିଚାଳିତ ହୁଅ ।

### ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିଜ ଜମାତ୍‌ଠାରୁ ଆଶାପୋଷଣ

ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-

ମନେରଖ ଆମ ଜମାତ୍ ଏକଥା ପାଇଁ ନୁହେଁ ଯେପରି ସାଧାରଣ ସାଂସାରିକ (ବ୍ୟକ୍ତି) ଜୀବନ ବିତାଇଥାଏ । କେବଳ ମୁହଁରୁ କହିଥାଏ ଯେ ଆମେ ଏହି ସିଲ୍‌ସିଲାରେ ଦାଖିଲ୍ ଅଛୁ । ଏବଂ ଅମଲ (କାର୍ଯ୍ୟ)ର ଆବଶ୍ୟକତାକୁ ବୁଝୁନାହିଁ ଯେପରି ଦୁର୍ଭାଗ୍ୟ ବଶତଃ ମୁସଲ୍‌ମାନ୍ ମାନଙ୍କର ଏପରି ଅବସ୍ଥା ଯେ (ଯେବେ ତାଙ୍କୁ) ପଚାର କି ତୁମେ ମୁସଲ୍‌ମାନ୍ ଅଟ ? ସେତେବେଳେ ସେ କହିଥାନ୍ତି ଶୁକର୍ ଅଲ୍‌ହମ୍‌ଦୋଲିଲ୍ଲାଃ । କିନ୍ତୁ ନମାଜ ପଢ଼ନ୍ତି ନାହିଁ ଏବଂ ଅଲ୍ଲାଃଙ୍କ ଚିହ୍ନର ସମ୍ମାନ କରନ୍ତି ନାହିଁ ସୁତରାଂ ମୁଁ ତୁମଠାରୁ ଏହା ଚାହୁଁନାହିଁ ଯେ କେବଳ ମୁହଁଦ୍ୱାରା ମାନିନିଅ ଓ କାର୍ଯ୍ୟ କରି କିଛି ଦେଖାଅନାହିଁ । ଏହା ହେଉଛି ନିକମା ମାନଙ୍କ ଅବସ୍ଥା । ଖୁଦାତାଲା ଏହା ପସନ୍ଦ କରେନାହିଁ । ପୃଥିବୀର ଏପରି ଅବସ୍ଥା ଏହା ଚାହୁଁଥିଲା କି ଖୁଦାତାଲା ମୋତେ ଇସ୍‌ଲାହ୍ (ସଂସ୍କାର) ନିମନ୍ତେ ଛିଡା କଲା । ତେଣୁ ଏବେ ଯଦି କୌଣସି (ବ୍ୟକ୍ତି) ମୋ ସହିତ ସମ୍ପର୍କ ରଖି ମଧ୍ୟ ନିଜ ଅବସ୍ଥାରେ ସୁଧାର ଆଣୁନାହିଁ ଏବଂ କାର୍ଯ୍ୟଶକ୍ତିରେ ଉନ୍ନତି ଆଣୁନାହିଁ ବରଂ ମୁହଁଦ୍ୱାରା ମାନିଯିବାକୁ ହିଁ ଯଥେଷ୍ଟ ମଣୁଛି ସେ ଏପରି ଅଟେ ଯେପରି ନିଜର କାର୍ଯ୍ୟଦ୍ୱାରା ମୋ ଅନାବଶ୍ୟକତା ଉପରେ ଜୋର୍ ଦେଉଅଛି । ପୁଣି ତୁମେ ଯଦି ନିଜ କାର୍ଯ୍ୟଦ୍ୱାରା ପ୍ରମାଣ କରିବାକୁ ଚାହୁଁଛ ଯେ ମୋ ଆସିବା ନିରର୍ଥକ ତେବେ ପୁଣି (ଯଦି) ମୋ ସହିତ ସମ୍ପର୍କ ରଖିବାର ଅର୍ଥ କଣ ? ମୋ ସହିତ ସମ୍ପର୍କ ସୃଷ୍ଟି କରୁଛ ତେବେ ମୋର ଲକ୍ଷ ଓ ଉଦ୍ଦେଶ୍ୟକୁ ପୂରଣ କର ଓ ତାହା ହେଉଛି ଏହା ଯେ ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିକୁ ଦେଖାଅ ଏବଂ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ସେହିପରି ପରିଚାଳିତ ହୁଅ ଯେଉଁପରି ରସୁଲୁଲ୍ଲାଃ ସ:ଆ:ସ କରି ଦେଖାଇଛନ୍ତି ଏବଂ ସାହାବାମାନେ ମଧ୍ୟ କରିଛନ୍ତି । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଏବଂ ତା ଉପରେ ପରିଚାଳିତ ହୁଅ । ଖୁଦାତାଲାଙ୍କ ନିକଟରେ ଏତିକି କଥା ଯଥେଷ୍ଟ ହୋଇପାରେନା ଯେ ମୁହଁରେ ମାନିନେବା ଓ କାର୍ଯ୍ୟରେ କୌଣସି ଆଲୋକ ଓ ଉତ୍ସୁକତା ନମିଳିବା । ମନେରଖ ଯେ ଯେଉଁ ଜମାତ୍‌କୁ ଖୁଦାତାଲା ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ତାହା ବିନା କାର୍ଯ୍ୟରେ ଜୀବିତ ରହିପାରିବ ନାହିଁ । *(ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୨୨୨)*

(ନଜାରତ୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)

## ଓଡ଼ିଆ ବଦର୍‌ରେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସ୍ୱେଚ୍ଛାସେବୀ କମ୍ପୋଜରଙ୍କ ଆବଶ୍ୟକ

ଓଡ଼ିଆ ବଦର୍ ନିମନ୍ତେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱେଚ୍ଛାସେବୀ କମ୍ପୋଜର ଆବଶ୍ୟକ ହେଉଛି ତେଣୁ ଏହି ସେବା କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥିନୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ ।

Manager WeeklyBadar Qadian
Ph No: +911872 224757
Mob No: +919417020616
Email: managerbadarqnd@gmail.com
Naib Editor Odia Badar
Mob: 9437128786

## ହଜୁର ଅନଓ୍ୱରଙ୍କ ଗୋଚରେ ଡ଼ାକ ଦ୍ୱାରା ଚିଠି ଲେଖୁଥିବା ଲୋକମାନଙ୍କ ପାଇଁ

### ନୂଆ ଠିକଣା

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ, ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଗତ କିଛି ସପ୍ତାହ ହେବ ମସ୍‌ଜିଦ୍ ଫଜଲ୍‌ରୁ ଆସି ନୂଆ ମର୍କଜ୍ ଇସାଲାମବାଦ ଟିଲ୍‌ଫୋର୍ଡ଼ଠାରେ ରହୁଛନ୍ତି ଯେଉଁ ଲୋକମାନେ ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ସେବାରେ ପ୍ରାର୍ଥନା ମୁଳକ ଚିଠି ଡ଼ାକ ଦ୍ୱାରା ପଠାଉଛନ୍ତି ସେମାନେ ଏବେ ନିମ୍ନଲିଖିତ ନୂଆ ଠିକଣାରେ ଚିଠି ପଠାନ୍ତୁ

Islamabad, 2, Sheephatch Lane,
Tilford Surrey GU10 2AQ
United Kingdom

## ସାଲାନା ଇଜିତେମା

### ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜନା ଇମାଇଲ୍ଲାଃ ଭାରତ- ୨୦୧୯

ଭାରତର ସମସ୍ତ ଅନ୍‌ସାର୍, ଖୁଦାମ୍ ଓ ଲଜନା ଇମାଇଲାଙ୍କଙ୍କୁ ଲିଖିତ ରୂପେ ଅବଗତ କରାଇଦିଆଯାଉଛି ଯେ ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅ ସଦିଛା ସହିତ ମର୍କଜି ସାଲାନା ଇଜିତେମା ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜନା ଇମାଇଲ୍ଲାଃ ଭାରତ- ୨୦୧୯ ନିମନ୍ତେ ତା ୧୮,୧୯,୨୦ ଅକ୍ଟୋବର (ଶୁକ୍ରବାର, ଶନିବାର, ରବିବାର) ର ମଞ୍ଜୁରି ପ୍ରଦାନ କରିଛନ୍ତି । ସମସ୍ତ ଜେଲି ତଞ୍ଜିମ୍ ର କର୍ମୀମାନଙ୍କୁ ଏବେଠାରୁ କାଦିୟାନ୍ ଦାରୁଲ୍ ଅମାନ୍‌ର ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ମର୍କଜି ଇଜିତେମାଅତ୍ ରେ ସାମିଲ୍ ହେବାପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଏହି ଇଜ୍‌ତିମାଅତ୍ ତର୍‌ବିୟତ୍‌ର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଅଟେ । ଯଜାକ୍‌ମୁଲ୍ଲାଃ- (ଇଦାରାଃ)

## ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୁୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୂଆ ଶର୍‌ହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୂଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୂଆ ଶର୍‌ହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

## ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୯ ମସିହା ଡିସେମ୍ବର୍ ତା-୨୭,୮,୨୯ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । ଜଜାକମୁଲ୍ଲାଃ **(ନାଜର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ଉଚିତ୍ ଓ ସେମାନଙ୍କର ଧର୍ମ ସମ୍ବନ୍ଧୀୟ ଜ୍ଞାନ ହେବା ଉଚିତ୍ ।

ମଜଲିସ୍ ଖୁଦାମୁଲ୍ ଅହେମଦୀୟାର ଏହି ମିଟିଙ୍ଗ୍ ୩:୪୫ରେ ଶେଷ ହେଲା । ଏହାପରେ ହଜୁର୍ ଅନ୍ୱର୍ ଅ:ବ:ଅ ମସ୍‌ଜିଦ୍ ବଇତୁର୍ ରହ୍‌ମାନ୍‌ଠାରେ ପଦାର୍ପଣ କରି ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ ।

**ନିକାହ୍‌ର ଘୋଷଣା**

ନମାଜ ପାଠ ପରେ ହଜୁର୍ ଅନ୍ୱର୍ ଅ:ବ:ଅ କେତେଗୋଟି ନିକାହ୍‌ର ଘୋଷଣା କଲେ । ହଜୁର୍ ଅନ୍ୱର୍ ଅ:ବ:ଅ ତଶହୁଦ୍ ତଉଜ ଏବଂ ଖୁତ୍‌ବା ନିକାହ୍‌ର ଧାର୍ଯ୍ୟ ଆୟତ ଗୁଡ଼ିକ ତିଲାୱତ୍ କରିବା ପରେ ନିମ୍ନଲିଖିତ ୧୧ଟି ନିକାହ୍‌ର ଏଲାନ୍ (ଘୋଷଣା) କଲେ । ହଜୁର୍ ଅନ୍ୱର୍ ଅ:ବ:ଅ ପ୍ରଥମେ (୧) ଅଜିଜା ସାଇମା ନୱିଦ୍ ବସ୍‌ରା ବିନ୍ତ ନୱିଦ୍ ଅହେମଦ୍ ବସ୍‌ରା ସାହେବ୍ ଅଫ୍ ଭର୍ଜିନିଆଙ୍କ ନିକାହ୍ ଅଜିଜମ୍ ତଲ୍‌ହା ରିୟାଜ୍ (ମୁରବୀ ସିଲ୍‌ସିଲା ନିଜାରତ୍ ଇସ୍‌ଲାହ୍ ଓ ଇର୍‌ସାଦ୍ ମର୍କଜିଆ ରବ୍‌ୱା) ସୁପୁତ୍ର ମୋକରମ୍ ରିୟାଜ୍ ଅହେମଦ୍ ସାହେବ୍ ବସ୍‌ରା ଅଫ୍ ରବ୍‌ୱାଙ୍କ ସହିତ ଧାର୍ଯ୍ୟ କରାଗଲା । (୨) ଅଜିଜା ସୋବିୟା ଅହେମଦ୍ ସୁପୁତ୍ରୀ ମୋକରମ୍ ନଦିମ୍ ଅହେମଦ୍ ପାଲ୍ ସାହେବ୍ ଅଫ୍ ଭର୍ଜିନିଆଙ୍କ ନିକାହ୍ ଅଜିଜମ୍ ଖୁରମ୍ ୱକାର୍ ମଲକ୍ ସୁପୁତ୍ର ମୋକରମ୍ ୱକାର୍ ଅହେମଦ୍ ମଲକ୍ ସାହେବ୍ ଅଫ୍ ଫ୍ଲାଡେଲ୍‌ଫିଆ ଜମାତ୍‌ଙ୍କ ସହିତ ଧାର୍ଯ୍ୟ ହେଲା । (୩)ଅଜିଜା ନବିଲା ଇନ୍‌ଆମ୍ କୌସର୍ ସୁପୁତ୍ରୀ ମୋକରମ୍ ଇନାମୁଲ୍ ହକ୍ କୌସର୍ ସାହେବ୍ (ଅମୀର୍ ଜମାତ୍ ଅଷ୍ଟ୍ରେଲିଆ)ଙ୍କ ନିକାହ୍ ଅଜିଜମ୍ ଫରାଜ୍ ଅହେମଦ୍ ସୁପୁତ୍ର ମୋକରମ୍ ତାହେର୍ ଅହେମଦ୍ ଖୋଖର୍ ସାହେବ୍‌ଙ୍କ ସହିତ ଧାର୍ଯ୍ୟ ହେଲା । (୪)ଅଜିଜା ଉଜ୍‌କାଃ ମିର୍ ସୁପୁତ୍ରୀ ମୋକରମ୍ ନବ୍‌ରାସ୍ ମିର୍ ସାହେବ୍ ଅଫ୍ ଉଇଲିଙ୍ଗ୍ ବୋରୋଙ୍କ ନିକାହ୍ ଅଜିଜମ୍ ଶହ୍‌ରୟାର୍ ସରୱର୍ ସୁପୁତ୍ର ମୋକରମ୍ ମୁହମ୍ମଦ୍ ସରୱର୍ ଭଟି ସାହେବ୍‌ଙ୍କ ସହିତ ଧାର୍ଯ୍ୟ କରାଗଲା । (୫)ଅଜିଜା ମିର୍ ଅଲ୍‌ଫାତିମା ଚୌଧୁରୀ ସୁପୁତ୍ରୀ ମୋକରମ୍ ମୁହମ୍ମଦ୍ ମୁବଶିରୁଲ୍ଲାଃ ସାହେବ୍ ଅଫ୍ କାନାଡାଙ୍କର ଅଜିଜମ୍ ଚୌଧୁରୀ ନଇମ୍ ଅହେମଦ୍ ସୁପୁତ୍ର ମୋକରମ୍ ନଦୀମ୍ ଅସ୍‌ଲମ୍ ଅର୍‌ଶଦ୍ ସାହେବ୍‌ଙ୍କ ସହିତ ଧାର୍ଯ୍ୟ ପାଇଲା । (୬)ଅଜିଜା ହାନିୟା ମନ୍‌ସୁର୍ ସୁପୁତ୍ରୀ ମନ୍‌ସୁର୍ ଅହେମ୍ କୁରେଶି ସାହେବ୍ ଅଫ୍ ଡେଟ୍ରାଇଟ୍‌ଙ୍କର ନିକାହ୍ ଅଜିଜମ୍ କାମିଲ୍ ବାସିତ୍ ସଲାମ୍ ସୁପୁତ୍ର ମୋକରମ୍ ଅବ୍‌ଦୁସ୍ ସଲାମ୍ ମଲକ୍ ସାହେବ୍‌ଙ୍କ ସହିତ ଧାର୍ଯ୍ୟ ହେଲା । (୭)ଅଜିଜମ୍ ମରିୟମ୍ ସାଦିଆ ସୁସନ୍ ମଲକ୍ ସୁପୁତ୍ରୀ ମୋକରମ୍ ଶାହିଦ୍ ସଇଦ୍ ମଲକ୍ ସାହେବ୍ ଅଫ୍ ଭର୍ଜିନିଆଙ୍କର ନିକାହ୍ ଅଜିଜମ୍ ଶୋଏବ୍ ମେହ୍‌ମୁଦ୍ ମଲକ୍ ସୁପୁତ୍ର ମୋକରମ୍ ଖଲିଲ୍ ଅହେମଦ୍ ମଲକ୍ ସାହେବ୍‌ଙ୍କ ସହିତ ଧାର୍ଯ୍ୟ ହେଲା । (୮)ଅଜିଜା ମନ୍‌ସୁରା ଅହେମଦ୍ ସିରାଜି ସୁପୁତ୍ରୀ ମୋକରମ୍ ମୋଇନୁଦ୍ଦିନ୍ ସିରାଜି ସାହେବ୍ ଅଫ୍ ୱାଶିଂଟନ୍ ଡି.ସିଙ୍କ ନିକାହ୍ ଅଜିଜମ୍ ଅବ୍‌ଦୁଲ୍ କବୀର ଆଦିଲ୍ ସୁପୁତ୍ର ମୋକରମ୍ ଅବ୍‌ଦୁଲ୍ କାଦିର୍ ଶାକି ସାହେବ୍‌ଙ୍କ ସହିତ ଧାର୍ଯ୍ୟ ହେଲା । (୯) ଅଜିଜମ୍ ମରିୟମ୍ ତହ୍‌ସିନ୍ ସୁପୁତ୍ରୀ ମୋକରମ୍ ତହ୍‌ସିନ୍ ଅହେମଦ୍ ବାଜ୍‌ୱା ସାହେବ୍ ଅଫ୍ ଭର୍ଜିନିଆଙ୍କ ନିକାହ୍ ଅଜିଜମ୍ ତସ୍‌ଲିମ୍ ଅହେମଦ୍ ମୁଜଫର୍ ସୁପୁତ୍ର ମୋକରମ୍ ମୁଜଫର୍ ଅହେମଦ୍ ନଜ୍‌ମି ସାହେବଙ୍କ ସହିତ ଧାର୍ଯ୍ୟ ପାଇଲା । (୧୦)ଅଜିଜା ସଜିଲ ଜମିଲ୍ ସୁପୁତ୍ରୀ ମୋକରମ୍ ମୁହମ୍ମଦ୍ ଜମିଲ୍ ସାହେବ୍ ଅଫ୍ ମଲଡ୍ରାକିଙ୍କ ନିକାହ୍ ଅଜିଜମ୍ ନଫିସ୍ ଅହେମଦ୍ ସୁପୁତ୍ର ମୋକରମ୍ ହଫିଜ୍ ଅହେମଦ୍ ସାହେବ୍‌ଙ୍କ ସହିତ ଅନୁଷ୍ଠିତ ହେଲା । (୧୧)ଅଜିଜା ମଦିହା ସମିମ୍ ମଲକ୍ ସୁପୁତ୍ରୀ ମୋକରମ୍ ସମିମ୍ ଅହେମଦ୍ ମଲକ୍ ସାହେବ୍ ଅଫ୍ ନର୍ଥ କରୋଲିନାଙ୍କ ନିକାହ୍ ଅଜିଜମ୍ ମେହ୍‌ମୁଦ୍ କାକି ସୁପୁତ୍ର ମୋକରମ୍ ସଇଦ୍ କାକି ସାହେବ୍ (ଲେବାନନ୍)ଙ୍କ ସହିତ ଧାର୍ଯ୍ୟ ହେଲା ।

ନିକାହ୍ ଗୁଡିକର ଏଲାନ୍ କରିବା ପରେ ହଜୁର୍ ଅନୱର୍ ଅ:ବ:ଅ କହିଲେ ଯେ "ଦୁଆ କରି ନିଅ ଯେ ଅଲ୍ଲାଃତାଲା ଏହି ସମସ୍ତ ନିକାହ୍‌କୁ ପ୍ରତି କ୍ଷେତ୍ରରୁ ବାବରକତ୍ କରନ୍ତୁ" । ଦୁଆପରେ ହଜୁର୍ ଅନୱର୍ ଅ:ବ:ଅ ଦୁଇ ପକ୍ଷଙ୍କ ସହିତ ହାତ ମିଳାଇବା ପାଇଁ ସୁଯୋଗ ପ୍ରଦାନ କଲେ । ତା'ପରେ ହଜୁର୍ ଅନ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ୟୁ.ଏସ୍.ଏର ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ସହିତ ମିଟିଙ୍ଗ୍**

ପ୍ରୋଗ୍ରାମ୍ ମୁତାବକ ୬:୩୫ରେ ହଜୁର୍ ଅନ୍ୱର୍ ଅ:ବ:ଅ ମିଟିଙ୍ଗ୍ ରୁମ୍ ଭିତରକୁ ପ୍ରବେଶ କଲେ ଯେଉଁଠି ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ୟୁ.ଏସ୍.ଏଙ୍କର ହଜୁର୍ ଅନ୍ୱର୍‌ଙ୍କ ସହିତ ରଖାଯାଇଥିବା ମିଟିଙ୍ଗ୍ ଆରମ୍ଭ ହେଲା । ହଜୁର୍ ଅନ୍ୱର୍ ଅ:ବ:ଅ ମିଟିଙ୍ଗ୍‌ର ଶୁଭାରମ୍ଭ ଦୁଆ ସହିତ କଲେ ।

ଏହାପରେ ହଜୁର୍ ଅନ୍ୱର୍ ଅ:ବ:ଅଙ୍କ ପଚାରିବାରେ ଅମିର୍ ସାହେବ୍ କହିଲେ ଯେ ବର୍ତ୍ତମାନ ଯେଉଁ ନାଏବ୍ ଅମିର୍‌ମାନେ ଓ ସେକ୍ରେଟାରୀ ଗଣ ଏଠାରେ ଉପସ୍ଥିତ ଅଛନ୍ତି, ସମସ୍ତଙ୍କର ସଂଖ୍ୟା ହେଉଛି ୩୨ ।

ଏହାପରେ ହଜୁର୍ ଅନ୍ୱର୍ ଅ:ବ:ଅ ନାଏବ୍ ଅମୀର୍ ଡାକ୍ତର ହମିଦୁର୍ ରହ୍‌ମାନ୍ ସାହେବ୍‌ଙ୍କ ଠାରୁ ତାଙ୍କଠାରେ ନ୍ୟସ୍ତ କରାଯାଇଥିବା କାର୍ଯ୍ୟ ସମ୍ବନ୍ଧରେ ପଚାରି ବୁଝିଲେ । ଡାକ୍ତର ହମିଦୁର୍ ରହ୍‌ମାନ୍ ସାହେବ୍ କହିଲେ ଯେ ମୋତେ ନର୍ଥ ୱେଷ୍ଟର୍ନ୍ ଷ୍ଟେଟ୍‌ସ୍ ଗୁଡ଼ିକରେ ଥିବା ଜମାତ୍ ଗୁଡ଼ିକର କାର୍ଯ୍ୟ କରିବା ପାଇଁ ସୁଯୋଗ ଦିଆଯାଇଛି । ଅମିର୍ ସାହେବ୍‌ଙ୍କ ନିର୍ଦ୍ଦେଶ ମୁତାବକ ଆବଶ୍ୟକ ସ୍ଥଳେ ମୁଁ ଉକ୍ତ ଜମାତ ଗୁଡ଼ିକୁ ଗସ୍ତ କରିଥାଏ ।

ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ:- ଆପଣ କଣ ନିଜେ ସେହି ଜମାତ ଗୁଡ଼ିକକୁ ଗସ୍ତ କରିବା ପାଇଁ ପ୍ରୋଗ୍ରାମ୍ ବନାଉନାହାଁନ୍ତି କି ? ଆପଣ ନିଜେ ଉକ୍ତ ଜମାତ ଗୁଡ଼ିକୁ ଗସ୍ତ କରିବା ଉଚିତ୍ । ଉକ୍ତ ଜମାତ୍ ଗୁଡ଼ିକର ତଜ୍‌ନିଦ୍ (ଜନସଂଖ୍ୟା) କଣ ଏବଂ ସେମାନଙ୍କ ମଧ୍ୟରୁ କେତେଜଣ ଚାନ୍ଦା ଆମ୍ ଦେଉଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେଜଣ ରୋଜଗାର କରୁଛନ୍ତି ? ସବୁଠାରୁ ବଡ ଜମାତ୍ କିଏ ଓ ତାହାର ତଜ୍‌ନିଦ୍ କଣ ? ଏଥିରେ ଡାକ୍ତର ସାହେବ୍ କହିଲେ ଯେ ସବୁଠାରୁ ବଡ ଜମାତ୍ ହେଉଛି ଲାଇଷ୍ଟ୍ । ଚାନ୍ଦା ପଇଠ କରୁଥିବା ସଂଖ୍ୟା ସମ୍ବନ୍ଧରେ ମୋତେ ଅମୀର୍ ସାହେବ୍‌ଙ୍କ ତରଫରୁ ଲାଟେଷ୍ଟ୍ ଡାଟା ଯୋଗାଇ ଦିଆଯାଇନାହିଁ ।

ଏଥିରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ଏହା ତ ଆପଣମାନଙ୍କୁ କରିବାର ଥିଲା ଯେ ଆପଣମାନେ ନିଜ ନିଜ ଜମାତର ତଥ୍ୟକୁ ତାଙ୍କୁ ଦେବା ପରିବର୍ତ୍ତେ ସେ ଆପଣଙ୍କୁ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: Mufleh-u-ddin Khan, Jamat Ahmadiyya, Kerang (Odisha)

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: Sharif-u-ddin Khan, Jamat Ahmadiyya, Kerang (Odisha)

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଜୁମାଃ ପ୍ରଦତ୍ତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତ୍ତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ୍ତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: Anisha Begum, Jamat Ahmadiyya, Kerang (Odisha)

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 17 Oct 2019 Issue No. 42

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍ନା ହଜ୍ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ୪ ନଭେମ୍ବର୍ ୨୦୧୮ (ରବିବାର) ନ୍ୟାସ୍ନାଲ୍ ମଜ୍ଲିସ୍ ଆମେଲା ଖୁଦାମୁଲ୍ ଅହେମଦୀୟା ୟୁ.ଏସ୍.ଏ ର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ମିଟିଙ୍ଗ୍ ରିପୋର୍ଟ୍ର ବଳକା ଅଂଶ

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆପଣମାନଙ୍କର କାମ ହେଉଛି ଏହା କି ଖୁଦାମ୍କୁ ଚାନ୍ଦାର ଗୁରୁତ୍ୱ ସମ୍ବନ୍ଧରେ ବତାନ୍ତୁ । ମୋହତ୍ମିନ୍ ତର୍ବିୟତ୍ଙ୍କୁ ଏହା ଆବଶ୍ୟକ ଯେ ସେ ଏ ସମ୍ବନ୍ଧରେ ମାଲ୍ ବିଭାଗକୁ ସାହାଯ୍ୟ କରନ୍ତୁ । ୟୁ.କେ ରେ ମଧ୍ୟ କିଛି ଖୁଦାମ୍ ଏପରି ଥିଲେ ଯେଉଁମାନେ କେବେ ବି ଚାନ୍ଦା ଦେଉନଥିଲେ । ନା କେବଳ ମଜ୍ଲିସ୍ ଚାନ୍ଦା ବରଂ ଜମାତି ଚାନ୍ଦା ମଧ୍ୟ ଦେଉନଥିଲେ, କିନ୍ତୁ ଇଜ୍ତିମା ସମୟରେ ଡିସ୍କସନ୍ ଶେସନ୍ ଓ ପ୍ରଶ୍ନୋତର କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କୁ ଚାନ୍ଦାର ଗୁରୁତ୍ୱ ବିଷୟରେ ଧ୍ୟାନ ଆକର୍ଷଣ କରାଗଲା ଏବଂ ଯେତେବେଳେ ସେମାନେ ଚାନ୍ଦାର ବ୍ୟବହାର ସମ୍ବନ୍ଧରେ ଜାଣିବାକୁ ପାଇଲେ ସେତେବେଳେ ବହୁତ ଖୁଦାମ୍ ସ୍ୱତଃପ୍ରୁତ ଭାବେ ନିଜ ମଜ୍ଲିସ୍ର ନାଜିମ୍ ମାଲ୍ମାନଙ୍କ ସହିତ ଯୋଗାଯୋଗ କରି ଚାନ୍ଦା ପଇଠ କଲେ ଓ ସେମାନେ ଏ କଥାକୁ ସ୍ୱୀକାର କଲେ କି ଆମେ ଭୁଲ୍ ଥିଲୁ ଓ ଏବେ ଆମକୁ ଅନୁଭବ ହୋଇଗଲା ଯେ ଏ ଚାନ୍ଦା କେଉଁଠାରେ ବ୍ୟବହାର କରାଯାଉଅଛି । ପ୍ରଥମେ ସେମାନେ ଏକଥା ବୁଝିଥିଲେ ଯେ କେବଳ ଜମାତି ଓ୍ୱହ୍ଦାଦାର୍ମାନଙ୍କ ବିଳାସବେଶନ ନିମନ୍ତ୍ରଣରେ ହିଁ ଏହି ଖର୍ଚ୍ଚ ସବୁ ବ୍ୟବହାର ହେଉଅଛି । ସେମାନଙ୍କ ଏକଥା ଜଣାନଥିଲା ଯେ ପ୍ରକୃତରେ ଏ ଚାନ୍ଦା କେଉଁଠାରେ ବ୍ୟବହାର ହେଉଥିଲା । ତେଣୁ ଯଦି ଚାନ୍ଦାର ବ୍ୟବହାର ବିଷୟରେ ଜାଣିପାରିବେ ତେବେ ସେମାନେ ଚାନ୍ଦାର ପଇଠ ମଧ୍ୟ କରିବେ । ଏହିପରି ଏହାଦ୍ୱାରା ନା କେବଳ ଖୁଦାମୁଲ୍ ଅହେମଦୀୟାର ଚାନ୍ଦାରେ ଉନ୍ନତି ଘଟିବ ଏବଂ ଜମାତି ଚାନ୍ଦା ମଧ୍ୟ ବୃଦ୍ଧି ହେବ ।

ମୋହତମିମ୍ ତବ୍ଲିଗ୍ କହିଲେ ଯେ ଯେତେବେଳେ ମାଲି କୁର୍ବାନୀର କଥା ସମ୍ମୁଖକୁ ଆସୁଛି ସେତେବେଳେ କଣ ଖୁଦାମୁଲ୍ ଅହେମଦୀୟାକୁ ଆବଶ୍ୟକ ଯେ ସେ ଏପରି ଖୁଦାମ୍ ମାନଙ୍କୁ ପ୍ରଥମେ ଜମାତି ଚାନ୍ଦା ପଇଠ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇବେ ଓ ତା'ପରେ ପୁଣି ଖୁଦାମୁଲ୍ ଅହେମଦୀୟାର ଚାନ୍ଦା ପ୍ରତି ଧ୍ୟାନ ଆକର୍ଷଣ କରାଯିବ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଆପଣ ସେମାନଙ୍କୁ ଜମାତି ଚାନ୍ଦା ପଇଠ କରିବା ପ୍ରତି ମଧ୍ୟ ନିଶ୍ଚିତ ରୂପେ ଧ୍ୟାନ ଆକର୍ଷଣ କରାନ୍ତୁ କିନ୍ତୁ ଯଦି ସେମାନେ କହୁଛନ୍ତି ଯେ ଆପଣ ବର୍ତମାନ ଆମଠାରୁ କେବଳ ଖୁଦାମୁଲ୍ ଅହେମଦୀୟାର ଚାନ୍ଦା ହିଁ ନିଅନ୍ତୁ ବୋଲି ତେବେ ଆପଣ ସେହି ଚାନ୍ଦାକୁ ନେଇ ନିଅନ୍ତୁ । ସେମାନଙ୍କୁ ନିକଟକୁ ଆଣିବା ପାଇଁ ଏବଂ ସେମାନଙ୍କୁ ମାଲି କୁର୍ବାନୀର ଅନୁଭବ କରାଇବା ପାଇଁ ଆରମ୍ଭରୁ ସେମାନେ ଯେଉଁ ବିଭାଗରେ ମଧ୍ୟ ଚାନ୍ଦା ଦେବାକୁ ଚାହୁଁଛନ୍ତି ତାହା ନେଇନିଅନ୍ତୁ । ନୌମୁବାଇନ୍ (ନୂତନ ଅହେମଦୀ) ଅଥବା ଦୁର୍ବଳ ଶ୍ରେଣୀର ଅହେମଦୀ ଅଛନ୍ତି । ସେମାନଙ୍କ ପାଇଁ ମଧ୍ୟ ଏହି ଉପାୟ ଅବଲମ୍ବନ କରାଯାଉ କି ଯଦି ସେମାନେ କେବଳ ତହ୍ରିକେ ଯଦିଦ୍ର ଚାନ୍ଦା ପଇଠ କରୁଛନ୍ତି ତେବେ ଠିକ୍ ଅଛି କିନ୍ତୁ ସେମାନଙ୍କୁ ଜମାତି ଚାନ୍ଦାର ଗୁରୁତ୍ୱ ସମ୍ବନ୍ଧରେ ଅନୁଭବ କରାଇବା ଜରୁରୀ ଅଟେ । ହଁ ଯଦି କୌଣସି ଖାଦିମ୍ ନିଜ ଆମଦାନୀ ମୁତାବକ ମଜ୍ଲିସ୍ ଖୁଦାମୁଲ୍ ଅହେମଦୀୟାର ଚାନ୍ଦା ପଇଠ କରୁଅଛି ତେବେ ପୁଣି ଏପରି ଖୁଦାମ୍ଙ୍କୁ ବତାଇ ଦିଅନ୍ତୁ ଯେ ସେମାନଙ୍କର ପ୍ରଥମ ଅଗ୍ରାଧିକାର ଲାଜ୍ମି ଚାନ୍ଦା (ବାଧ୍ୟତାମୂଳକ ଚାନ୍ଦା) ପ୍ରତି ହେବା ଉଚିତ୍ । ଏପରି ସ୍ଥଳେ ମୋହତ୍ମିମ୍ ମାଲ୍ ଅଥବା ସଦର୍ ମଜ୍ଲିସ୍ ନିଷ୍ପତି କରିପାରିବେ ଯେ ସେହି ଚାନ୍ଦାକୁ ଲାଜ୍ମି ଚାନ୍ଦା ରୂପେ ଗ୍ରହଣ କରିବେ ବା ମଜ୍ଲିସ୍ର ଚାନ୍ଦା ରୂପେ ଗ୍ରହଣ କରିବେ । ସେ ଯାହାହେଉ ଏହିପରି ସମସ୍ତ ଖୁଦାମ୍ ଯେଉଁମାନେ ନିଜର ଆମଦାନୀ ମୁତାବକ ଖୁଦାମୁଲ୍ ଅହେମଦୀୟାର ଚାନ୍ଦା ଦେଉଛନ୍ତି ଏବଂ ସମସ୍ତ କାଇଦା କାନୁନ୍ (ନିୟମାବଳୀ) ଉପରେ ପରିଚାଳିତ ହେଉଛନ୍ତି ତେବେ ସେମାନଙ୍କୁ କୁହନ୍ତୁ ଯେ ସେମାନେ ଜମାତି ଚାନ୍ଦା ମଧ୍ୟ ପ୍ରଦାନ କରନ୍ତୁ ।

ଏହାପରେ ମୋହତମିମ୍ ତବ୍ଲିଗ୍ କହିଲେ ଯେ ଜମାତି ପ୍ରୋଗ୍ରାମ୍ ଗୁଡିକୁ ଆମେ କେତେ ମାତ୍ରାରେ ଅନୁସରଣ କରିବା ଉଚିତ୍ । ଯଦି ଜମାତି ସ୍ତରରେ କୌଣସି ତବ୍ଲିଗ୍ ପ୍ରୋଗ୍ରାମ୍ ହେଉଅଛି ତେବେ କଣ ଆମେମାନେ ସେହି ପ୍ରୋଗ୍ରାମ୍ ଗୁଡିକୁ ଅନୁସରଣ କରିବା ଉଚିତ୍ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଆପଣମାନେ ନିଜର ପ୍ରୋଗ୍ରାମ୍କୁ ଅନୁଷ୍ଠିତ କରିବା ଉଚିତ୍, କିନ୍ତୁ ଯଦି କୌଣସି ଜମାତି ପ୍ରୋଗ୍ରାମ୍ ଥିବ ତେବେ ଜେଲି ତନ୍ଜିମ୍ ମାନଙ୍କପାଇଁ ଏହା ଉଚିତ୍ ହେବ ଯେ ସେମାନେ ଜମାତି ପ୍ରୋଗ୍ରାମ୍ରେ ମଧ୍ୟ ଭର୍ପୁର୍ ସହଯୋଗ କରନ୍ତୁ । ଜେଲି ତନ୍ଜିମ୍ ଗୁଡିକ ମଧ୍ୟ ଜମାତ୍ର ଅଂଶ ଅଟନ୍ତି । ତେଣୁ ଜମାତ୍ ଯଦି କୌଣସି ପ୍ରୋଗ୍ରାମ୍ ଅନୁଷ୍ଠିତ କରୁଅଛି ତେବେ ଜମାତ୍କୁ ସହଯୋଗ କରିବା ଉଚିତ୍ ଓ ସେହି ପ୍ରୋଗ୍ରାମ୍ ଗୁଡିକରେ ଭଲଭାବେ ଯୋଗଦାନ କରିବା ଉଚିତ୍ । ଏତଦ୍ବ୍ୟତୀତ ଆପଣଙ୍କର ଯାହା ମଧ୍ୟ ବାର୍ଷିକ ଯୋଜନା ରହିଛି ବା ପ୍ରୋଗ୍ରାମ୍ ରହିଛି ସେଗୁଡିକୁ ସଦର୍ ସାହେବ୍ଙ୍କ ସୁପାରିଶ କରି ମୋ ଠାରୁ ମଞ୍ଜୁରୀ ନେଇ ନିଅନ୍ତୁ ଏବଂ ପୁଣି ତା ଉପରେ ପରିଚାଳିତ ହୁଅନ୍ତୁ । କିନ୍ତୁ ଯେଉଁଠି ମଧ୍ୟ ଜମାତି ପ୍ରୋଗ୍ରାମ୍ ଓ ଜେଲି ତନ୍ଜିମ୍ର ପ୍ରୋଗ୍ରାମ୍ ଆପୋଷରେ Clash ହେଉଛି ସେଠାରେ ଜମାତି ପ୍ରୋଗ୍ରାମ୍କୁ ଅଗ୍ରାଧିକାର ମିଳିବା ଉଚିତ୍ । ଖୁଦାମୁଲ୍ ଅହେମଦୀୟା ଏବଂ ଅନ୍ୟାନ୍ୟ ଜେଲି ତନ୍ଜିମ୍ ଗୁଡିକର ଜମାତି ପ୍ରୋଗ୍ରାମ୍ ଗୁଡିକରେ ସାହାଯ୍ୟ, ସହଯୋଗ ରହିବା ଉଚିତ୍ ।

ମୋହତମିମ୍ ତାଲିମ୍ କହିଲେ ଯେ ଜମାତି ସ୍ତରରେ "ତାହେର୍ ଏକାଡେମୀ" ରେ ପିଲାମାନଙ୍କର ତାଲିମ୍ କ୍ଲାସ୍ ଅନୁଷ୍ଠିତ ହେଉଅଛି ଓ ସେମାନଙ୍କର ପରୀକ୍ଷା ମଧ୍ୟ ନିଆଯାଉଛି । ତେବେ କଣ ଆମେ ଉତ୍ଫାଲୁଲ୍ ଅହେମଦୀୟାମାନଙ୍କର ଅଲଗା ପ୍ରଶ୍ନପତ୍ର ସମାଧାନ କରିବା ପାଇଁ ଦେବା ଉଚିତ୍ ବା ଜମାତି ସ୍ତରରେ ଯେଉଁ ପରୀକ୍ଷା ହେଉଅଛି ତାହା ଯଥେଷ୍ଟ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆଜିକାଲି ବିଭିନ୍ନ ପ୍ରକାରର ପାଠ୍ୟକ୍ରମ ଓ ପ୍ରୋଗ୍ରାମ୍ ହେଉଅଛି । ଯେମିତି ଓ୍ୱକ୍ଫେ ନୌର ବିଭିନ୍ନ ପ୍ରୋଗ୍ରାମ୍ ଅନୁଷ୍ଠିତ ହେଉଅଛି । ଖୁଦାମୁଲ୍ ଅହେମୀଦୟାର ଅଲଗା ପ୍ରୋଗ୍ରାମ୍ ହେଉଅଛି । ସେହିପରି ଜମାତ୍ର ମଧ୍ୟ ସ୍ୱତନ୍ତ୍ର ପ୍ରୋଗ୍ରାମ୍ମାନ ଅନୁଷ୍ଠିତ ହେଉଅଛି ।

କାଏଦ୍ ଉମୁମୀ ସାହେବ୍ କହିଲେ ଯେ ସମସ୍ତ ମଜ୍ଲିସ୍ ଗୁଡିକରେ ବିଭିନ୍ନ ପ୍ରୋଗ୍ରାମ୍ ଅନୁଷ୍ଠିତ କରାଯାଉଅଛି ଓ ସେହି ପ୍ରୋଗ୍ରାମ୍ ଗୁଡିକ ସମ୍ବନ୍ଧରେ ମଜ୍ଲିସ୍ ରିପୋର୍ଟ୍ରେ ମଧ୍ୟ ଚର୍ଚ୍ଚା କରାଯାଉଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦିଚ ଜମାତ୍ "ତାହେର୍ ଏକାଡେମୀ"କୁ ଚଳାଉଛି ତେବେ ଲଜ୍ନା ଇମାଇଲ୍ଲାଃ ଏବଂ ଖୁଦାମୁଲ୍ ଅହେମଦୀୟାଙ୍କୁ ଆବଶ୍ୟକ ଯେ ସେମାନେ ଜମାତ୍ ସହିତ ସହଯୋଗ କରନ୍ତୁ । କିନ୍ତୁ ଏହି ଏକାଡେମୀରେ ଓ୍ୱକ୍ଫେ ନୌର ପାଠ୍ୟକ୍ରମ ଶୈଳୀରେ ନିୟମିତ ଗୋଟିଏ ନେସାବ (ପାଠ୍ୟକ୍ରମ) ରହିବା ଉଚିତ୍ । ଏହି ନେସାବ୍ ପାଇଁ ଯଦି ଖୁଦାମୁଲ୍ ଅହେମଦୀୟା ବା ଲଜ୍ନା ଇମାଇଲ୍ଲାଃ କିଛି କଥା ପରାମର୍ଶ କରିବେ ତେବେ ସେମାନଙ୍କୁ ମଧ୍ୟ ଏହି ନେସାବ୍ରେ ସାମିଲ୍ କରାଯାଇପାରିବ । ଏବେ ୟୁ.କେରେ ମଧ୍ୟ ଓ ଅନ୍ୟାନ୍ୟ କେତେକ ଦେଶରେ ମଧ୍ୟ ଓ୍ୱକ୍ଫେ ନୌର ପାଠ୍ୟକ୍ରମ ଶୈଳୀରେ ଖୁଦାମୁଲ୍ ଅହେମଦୀୟା ଏବଂ ଲଜ୍ନା ଇମାଇଲ୍ଲାଃ ନିଜର ତାଲିମି ଓ ତର୍ବିୟତି ନେସାବ୍ ପ୍ରସ୍ତୁତ କରୁଛନ୍ତି ଯଦ୍ୱାରା ଓ୍ୱାକିଫିନେ ନୌଙ୍କ ମୁଣ୍ଡରେ ଏକଥା ନ ଆସୁ ଯେ ସେମାନେ କିଛି ସ୍ୱତନ୍ତ୍ର ବୋଲି ବା ସେମାନେ ଅନ୍ୟ ପିଲାମାନଙ୍କଠାରୁ ଉତମ ଓ ଭିନ୍ନ ବୋଲି ତେଣୁ ନିୟମିତ ରୂପେ ଗୋଟିଏ ଠୋସ୍ ପ୍ରଭାବଶାଳୀ ଯୋଜନା ପ୍ରସ୍ତୁତ କରାଯାଇପାରେ । ଯଦି ଜମାତ୍ ଏବଂ ଜେଲି ତନ୍ଜିମ୍ମାନଙ୍କ ମଧ୍ୟରେ ଆପୋଷ ସହଯୋଗ ରହିବ ତେବେ ଏହି ପ୍ରକାରର ପ୍ରୋଗ୍ରାମ୍ ପ୍ରସ୍ତୁତ କରିବାରେ କୌଣସି ଅସୁବିଧା ହେବନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦି ଜମାତି ସେକ୍ରେଟାରୀମାନଙ୍କ ସହିତ କୌଣସି ମତଭେଦ ଥାଏ ତେବେ ଆପଣମାନେ ଅମୀର୍ ସାହେବ୍ଙ୍କ ସହିତ କଥା ହୋଇପାରିବେ । ଆମେ ଏପରି ସ୍ଥଳେ ଉନ୍ନତି କରିପାରିବା ଏବଂ ଆଗକୁ ବଢ଼ିପାରିବା ଯେବେ ଆମର ପ୍ରୋଗ୍ରାମ୍ ଗୁଡିକ ମଧ୍ୟରେ ଜଣେ ଅନ୍ୟଜଣକ ସହିତ ଯୋଗସୂତ୍ର ଓ ସାହାଯ୍ୟ ସହଯୋଗ ରହୁଥିବ । ଯଦି କିଏ ତାଉନ୍ (ସହଯୋଗ) କରୁନାହିଁ ତେବେ ଆପଣ ସଦର୍ ସାହେବ୍ଙ୍କ ମାଧ୍ୟମରେ ଅମୀର୍ ସାହେବ୍ଙ୍କ ପର୍ଯ୍ୟନ୍ତ ପହଂଚନ୍ତୁ ଓ ସମସ୍ୟାର ସମାଧାନ କରନ୍ତୁ । ଏହା ସତ୍ତ୍ୱେ ମଧ୍ୟ ଯଦି ସମସ୍ୟାର ସମାଧାନ ବାହାରୁନାହିଁ ତେବେ ପୁଣି ମୋତେ ଲେଖନ୍ତୁ ।

ଆଉଜଣେ ଆମ୍ଲାର ସଦସ୍ୟ କହିଲେ ଯେ ଆମେ ଆମେରିକାରେ ସାଇକିନ୍ ମାନଙ୍କ ବ୍ୟବସ୍ଥାକୁ କିପରି ସଠିକ୍ ରୂପେ ନିର୍ବାହ କରିପାରିବୁ ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଯଦି ଆପଣ ସାଇକିନ୍ ନିଜାମ୍କୁ ସୁସଂଗଠିତ କରିବେ ତେବେ ଏହା ବହୁତ ସାହାଯ୍ୟକାରୀ ହେବ । ଯଦି ଆପଣମାନେ ତୃଣମୂଳ ସ୍ତରରେ ଥିବା ବ୍ୟବସ୍ଥାକୁ ଆପଣାଇବେ ତେବେ ଆପଣମାନଙ୍କୁ ଖୁଦାମୁଲ୍ ଅହେମଦୀୟାର ପ୍ରୋଗ୍ରାମ୍ ଗୁଡିକରେ ଏକ ବହୁତ ବଡ ପରିବର୍ତନ ଦେଖାଯିବ । ଅତ୍ଫାଲୁଲ୍ ଅହେମଦୀୟା ଏବଂ ଖୁଦାମୁଲ୍ ଅହେମଦୀୟାଙ୍କ ଉପସ୍ଥାନରେ ମଧ୍ୟ ବୃଦ୍ଧି ହେବ । ଯେବେ ମୁଁ ନିଜେ ଅତ୍ଫାଲୁଲ୍ ଅହେମଦୀୟାରେ ଥିଲି ମୁଁ ସେତେବେଳେ ପ୍ରଥମେ ସାଇକ୍ ହେଲି । ତା'ପରେ ମୁନ୍ତଜିମ୍ ଅତ୍ଫାଲ୍ର ନାଏବ୍ ହେଲି ଏବଂ ତା'ପରେ ମୁନ୍ତଜିମ୍ ଅତ୍ଫାଲ୍ ହେଲି । ପୁଣି ଜଇମ୍ ମଜ୍ଲିସ୍ ରୂପେ କାମ କଲି । ପୁଣି ରବ୍ୱାରେ ନାଜିମ୍ ଉମୁମି ରୂପେ କାର୍ଯ୍ୟ କରିଛି । ତା'ପରେ ପୁଣି ଜାତୀୟ ସ୍ତରରେ ମୋହତମିମ୍ ରୂପେ ଖିଦ୍ମତ୍ କରିଛି । ଜଣେ ସାଧାରଣ ଅତ୍ଫାଲ୍ ଭାବେ ମୋ ଟ୍ରେନିଂର ଶୁଭାରମ୍ଭ ହୋଇଥିଲା । ଏପରି

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan